# କୃଷକଙ୍କ ସମସ୍ୟା ନେଇ ଗର୍ଜିଲା ଅଖିଳ ଭାରତୀୟ କୃଷକ ମୋର୍ଚ୍ଚା



**ରାଉରକେଲା, ୧୦।୧୨(ସମିସ):** କୃଷକଙ୍କ ବିଭିନ୍ନ ସମସ୍ୟା ନେଇ ଅଖିଳ ଭାରତୀୟ କୃଷକ ମୋର୍ଚ୍ଚା ଗର୍ଜିଛି। ଏହି କ୍ରମରେ ଏକ ଶୋଭାଯାତ୍ରାରେ ବାହାରି ପାନପୋଷ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ର ମୁତାବକ, ୨୦୨୪ ସଂଗ୍ରହ ବର୍ଷ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୫୦୦ ଟଙ୍କାକୁ ବୃଦ୍ଧି କରାଯିବା, ସମସ୍ତ ଫସଲର ସହାୟକ ମୂଲ୍ୟ ଆଇନଗତ ଗ୍ୟାରେଣ୍ଟି ସହିତ ସରକାରୀ ଭାବେ ସମସ୍ତ ଫସଲ ସଂଗ୍ରହକୁ ସୁନିଶ୍ଚିତ କରାଯିବା, ସମସ୍ତ କୃଷି ଋଣ ଛାଡ ସହ ଦଖଲ ଚାଷ ଜମି, ଜଙ୍ଗଲ ଜମି ଅଧିକାର ଆଇନ ୨୦୦୬କୁ କଡାକଡି ପାଳନ କରି ସମସ୍ତ କୃଷକ ପରିବାର ସମେତ ଆଦିବାସୀ, ଦଳିତଙ୍କୁ ବାସଗୃହ ଓ ଚାଷ ଉପଯୋଗୀ ଜମିର ସ୍ଥାୟୀ ପଟ୍ଟାପ୍ରଦାନ କରାଯିବା, ଧାନ ମଣ୍ଡିରେ ହେଉଥିବା କଟନୀ ଛଟନୀକୁ ବନ୍ଦ କରାଯିବା, କୃଷିଜାତ ଦ୍ରବ୍ୟ, କୃଷି ଯନ୍ତ୍ରପାତି ଓ କୃଷି ଉତ୍ପାଦନ ସାମଗ୍ରୀ ଉପରୁ ଜିଏସଟି ପ୍ରତ୍ୟାହର କରି ଚାଷୀଙ୍କୁ ସମସ୍ତ ରିହାତି ପ୍ରଦାନ କରାଯିବା, ପ୍ରତିଶ୍ରୁତି ଅନୁଯାୟୀ ସମସ୍ତ ବିଦ୍ୟୁତ ଉପଭୋକ୍ତାଙ୍କୁ ୩୦୦ ୟୁନିଟ ବିଦ୍ୟୁତ ଶୁଳ୍କ ଛାଡ଼ ଆଦି ଦାବି କରାଯାଇଛି। ରାଜ୍ୟ ସାଧାରଣ ସମ୍ପାଦକ କ୍ଷୀରୋଦ ସିଂହଦେଓ, ବିସ୍ଥାପିତ ନେତା ରାଜେନ୍ଦ୍ର ନାଏକ, ଶ୍ରମିକ ନେତା ପ୍ରଦ୍ୟୁମ୍ନ ମହାନ୍ତି, ଚାଷୀ ନେତା ଦଶରୁ କିଶାନ, ଆଇନଜୀବୀ ସଦାନନ୍ଦ ସାହୁ, ସୁରେନ୍ଦ୍ର ବାହାଲ, ଜନ୍ ଆୟୁବ ଜୋଜୋ, ଗୋବିନ୍ଦ କୁଜୁର, ଜିଜଲା ଲାକ୍ରା, ବିରେନ୍ଦ୍ର କିଶାନ, ଅନୁପମ ଦତ୍ତ, ଜମୁନା ଏକ୍କା ପରିଚାଳନା କରିଥିବା ବେଳେ ଶତାଧିକ ଚାଷୀ ସାମିଲ୍ ହୋଇଥିଲେ।

# ମନ୍ଦିରା ଜଳଭଣ୍ଡାରରେ ଛଡ଼ାଗଲା ୧.୪ ଲକ୍ଷ ମାଛ ଯାଁଆଳ

**ରାଉରକେଲା, ୧୦।୧୨(ସମିସ)**




ସେଲ, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ପକ୍ଷରୁ ମନ୍ଦିରା ଡ୍ୟାମ ଆଖପାଖରେ ବସବାସ କରୁଥିବା ମତ୍ସ୍ୟଜୀବୀଙ୍କ ଉନ୍ନତମାନର ଜୀବିକା ନିର୍ବାହ ନିମନ୍ତେ ଓଡ଼ିଶା ସରକାରଙ୍କ ମତ୍ସ୍ୟବିଭାଗ ସହଭାଗିତାରେ ମନ୍ଦିରା ଜଳଭଣ୍ଡାର ତଳମୁଣ୍ଡରେ ପ୍ରାୟ ୧.୪ ଲକ୍ଷ ଯାଁଆଳ ଛଡ଼ାଯାଇଛି। ଆୟୋଜିତ ଦୁଇଟି କାର୍ଯ୍ୟକ୍ରମରେ ୨ ଲକ୍ଷ ଟଙ୍କା ମୂଲ୍ୟର ମାଛ ଯାଁଆଳ ଲାଇଙ୍ଗ ଓ ଡୁମେରଜୋର ଅଞ୍ଚଳ ଜଳଭଣ୍ଡାରରେ ଛଡ଼ା ଯାଇଥିଲା। ଏହି ଯାଁଆଳ ମଧ୍ୟରେ ମୁଖ୍ୟତଃ ଚାରୋଟି ପ୍ରଜାତି ରହିଛି ଯଥା ରୋହି, କାଟଲା, ମାଗୁର ଏବଂ ଭାକୁର। ଏଗୁଡିକ ୧ ବର୍ଷ ରୁ ୨ ବର୍ଷ ମଧ୍ୟରେ ଆକାର ବୃଦ୍ଧି ହେବ, ଯାହା ଗ୍ରାମବାସୀଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିବାରେ ସହାୟକ ହେବ ବୋଲି ଆଶା କରାଯାଉଛି। ଲାଇଙ୍ଗ ଅଞ୍ଚଳ ନିମନ୍ତେ ଆୟୋଜିତ କାର୍ଯ୍ୟକ୍ରମରେ ସିଏସଆର ବିଭାଗର ଜିଏମ ଇନ୍‌ଚାର୍ଜ ମୁନମୁନ୍ ମିତ୍ର, ଏଜିଏମ ଟିବି ଟପ୍ପୋ, ମ୍ୟାନେଜର ରିଚା ସୁଧୀରାମ ତଥା ସିଏସ୍‌ଆର୍ ବିଭାଗର ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିବାବେଳେ ଡୁମେରଜୋରରେ ଆୟୋଜିତ କାର୍ଯ୍ୟକ୍ରମରେ ସିଏସ୍‌ଆର ବିଭାଗର ଜିଏମ ବିଭାବସୁ ମଲିକଙ୍କ ସମେତ ଏଜିଏମ ଆଦିତ୍ୟ ନାରାୟଣ ପତି ଓ ସିଏସଆର ବିଭାଗୀୟ ଦଳ ଯୋଗ ଦେଇଥିଲେ। ଉଭୟ କାର୍ଯ୍ୟକ୍ରମରେ ମତ୍ସ୍ୟ ବିଭାଗର ଏସଟିଏଫଏ ତଥା ପ୍ରକଳ୍ପ ଅଧିକାରୀ ରିଙ୍କୁ ଟପ୍ପୋ, ସ୍ଥାନୀୟ ସରପଞ୍ଚ ଏବଂ ଜିଲ୍ଲା ପରିଷଦ ସଦସ୍ୟ ତଥା ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ଥିଲେ। ଆର୍‌ଏସ୍‌ପିର ସିଏସ୍‌ଆର ବିଭାଗ ଦ୍ୱାରା ୨୦୨୧ ନଭେମ୍ବରରେ ଓଡ଼ିଶା ସରକାରଙ୍କ ମତ୍ସ୍ୟ ବିଭାଗ ସହଭାଗିତାରେ ଏହି ପ୍ରକଳ୍ପ ଆରମ୍ଭ ହୋଇଥିଲା ଏବଂ ଦୁଇବର୍ଷ ମଧ୍ୟରେ ପ୍ରାୟ ୨.୫ ଲକ୍ଷ ମାଛ ଯାଁଆଳ ଜଳଭଣ୍ଡାରରେ ଛଡ଼ା ଯାଇଥିଲା। ୨୦୨୨-୨୩ ଆର୍ଥିକ ବର୍ଷରେ ଏହି ପ୍ରକଳ୍ପକୁ ବ୍ୟାପକ କରାଯାଇ ୭ ଲକ୍ଷ ମାଛ ଯାଁଆଳ ଜଳଭଣ୍ଡାରରେ ଛଡ଼ା ଯାଇଥିଲା। ଏହି ପ୍ରକଳ୍ପ ଅଧୀନରେ ମତ୍ସ୍ୟଜୀବୀଙ୍କ ପାଇଁ ତାଲିମ, ସେମାନଙ୍କର ଦକ୍ଷତା ବୃଦ୍ଧି ତଥା ଆୟ ଉପାର୍ଜନ ପାଇଁ ମତ୍ସ୍ୟ ଜାଲ ଓ ଲାଇଫ ଜ୍ୟାକେଟ ବଣ୍ଟନ ମଧ୍ୟ ଅନ୍ତର୍ଭୁକ୍ତ ଥିଲା।

# ମାନବ ଅଧିକାର ଦିବସ ପାଳିତ

**ବଣାଇଁ, ୧୦।୧୨(ସମିସ):** ହଣାଇଁରେ ମାନବିକ ଅଧିକାର ଦିବସ ପାଳିତ ହୋଇଯାଇଛି। ପ୍ରତିବର୍ଷ ଡିସେମ୍ବର ୧୦ ତାରିଖରେ ବିଶ୍ୱ ମାନବ ଅଧିକାର ଦିବସ ପାଳନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ଆଜି ବଣାଇଁ ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ଅନ୍ତର୍ଜାତୀୟ ମାନବ ଅଧିକାର ଦିବସ ପାଳିତ ହୋଇଛି। ସହରସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବଣାଇଁ ତାଲୁକ ଆଇନ ସେବା ସଂସ୍ଥାର ପ୍ରାଧିକରଣ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଆଶୁତୋଷ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ବଣାଇଁ ସିଭିଲ୍‌କୋର୍ଟ ଜଜ୍ ପ୍ରୀତିଶ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ସୁଭମ ଶ୍ରୀତମ ପଣ୍ଡା ଯୋଗଦେଇ ଥିଲେ। କୌଣସି ଜିନିଷରେ ଭେଦଭାବ କରାଯାଇ ପାରିବ ନାହି। ଏଥିପାଇଁ ମାନବ ଅଧିକାରର ନିୟମ କରାଯାଇଥିବା ମୁଖ୍ୟ ଅତିଥି ପ୍ରକାଶ କରିବା ସହ ମାନବ ଅଧିକାର ଦିବସ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବଣାଇଁ ଓକିଲ ସଙ୍ଘର ସଭାପତି ପାର୍ଥ ସାରଥୀ ମିଶ୍ର, ଅରବିନ୍ଦ ସ୍କୁଲର ଅଧକ୍ଷ ପ୍ରଶାନ୍ତ ନାଏକ, ରିଟେନର ଅତୁଲ୍ୟ କୁମାର ସାମଲ, ବରିଷ୍ଠ ଆଇନଜୀବୀ ବୀନୟ କୁମାର ଦାସ, ବିଜନ କୁମାର ସେନ୍, ସୁଜିତ୍ କୁମାର ପାତ୍ରଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କୋର୍ଟ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ତାଲଡିହି ଲୁହାଖଣି ଆଦାନୀକୁ ଟେକିଦେବା ବିରୋଧରେ ବିକ୍ଷୋଭ

**ରାଉରକେଲା, ୧୦।୧୨(ସମିସ):** ରାଉରକେଲା ଇସ୍ପାତ କାରଖାନା (ସେଲ୍‌ଫ) ଅଧୀନରେ ଥିବା ତାଲଡିହି ଲୁହା ପଥର ଖଣିକୁ ଆଗାମୀ ୨୫ ବର୍ଷ ପାଇଁ କର୍ତ୍ତୃପକ୍ଷ ମେସର୍ସ ଆଦାନୀ ଏଣ୍ଟରପ୍ରାଇଜେସ ଲିମିଟେଡ ସହିତ ଏକ ଦୀର୍ଘ ମିଆଦୀ ଚୁକ୍ତିନାମା ସ୍ୱାକ୍ଷରିତ କରି ଘରୋଇକରଣ କରିବା ପାଇଁ ଯେଉଁ ଚକ୍ରାନ୍ତ ହୋଇଛି ତାହାକୁ ସିଟୁ ପକ୍ଷରୁ ଘୋର ବିରୋଧ କରାଯାଇଛି। ଗତ ନଭେମ୍ବର ୨୮ ତାରିଖରୁ ତାଲଡିହି ଲୁହାପଥର ଖଣି ସମ୍ମୁଖରେ ସିଟୁ ନେତୃତ୍ୱରେ ୪ଟି ପଞ୍ଚାୟତର ହଜାର ହଜାର ଗ୍ରାମବାସୀ ଧାରଣାଦେଇ ବସିଛନ୍ତି ଏବଂ ଏହି ଚୁକ୍ତିନାମା ବାତିଲ ଦାବିରେ ଆଗାମୀ ଦିନରେ ବୃହତ୍ତର ଆନ୍ଦୋଳନ ପାଇଁ ଆହ୍ୱାନ ଦିଆଯାଇଛି। ଏନେଇ ମଙ୍ଗଳବାର ସିଟୁ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଆନ୍ଦୋଳନ କରାଯାଇଥିଲାବେଳେ ରାଉରକେଲା ଇସ୍ପାତ କାରଖାନା ପ୍ରଶାସନିକ ଗେଟ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ କାରଖାନା ନିର୍ବାହୀ ନିର୍ଦ୍ଦେଶକ ଓ କେନ୍ଦ୍ରଇସ୍ପାତ ମନ୍ତ୍ରୀଙ୍କୁ ପୃଥକ ପୃଥକ ସ୍ମାରକପତ୍ର ପ୍ରଦାନ କରାଯାଇ ଥିଲା। ସିଟୁ ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ଜିଲ୍ଲା ସାଧାରଣସମ୍ପାଦକ ବିମାନ ମାଇତି, ଶ୍ରୀମନ୍ତ ବେହେରା, ବସନ୍ତ ନାୟକ, ରାଜକିଶୋର ପ୍ରଧାନ, ବିପି ମହାପାତ୍ର, ଅଜୟ ଶର୍ମା, ସୁରେନ୍ଦ୍ର ଦାଶ, ସୁରେନ୍ଦ୍ର ମହାନ୍ତି, ବିଶ୍ୱଜିତ ମାଝୀ, ପ୍ରଭାତ ମହାନ୍ତି, ଦିବାକର ମହାରଣା, ଅରୁ ଦାସ, ବିନୟ ବେହୁରିଆ, ପ୍ରଦୀପ ସେଠୀ, ଜେକେ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲା ନେତା ଅରୁଣ ମହାରଣା, ବସନ୍ତ ପାଢ଼ୀ, ସଚିନ୍ ରାୟ, ବଛିରାମ ବେହେରା, ସାଗର ଛୋଟରାୟ, ସୁରଜ୍ ଦାସ, ଜଗବନ୍ଧୁ ରାଉତ, ଶତ୍ରୁଘ୍ନ ବେହେରା, ଜନ୍ମେଜୟ ଘୋଷ ପ୍ରମୁଖ ପରିଚାଳନା କରିଥିଲେ।




## ଦିନ ଦ୍ୱିପ୍ରହରରେ ଲୁଟ୍ ଉଦ୍ୟମ

# ଗ୍ରାମବାସୀଙ୍କ ହାତରେ ଧରାପଡ଼ିଲେ ଦୁଇ ଦୁର୍ବୃତ୍ତ

**ବଣାଇଁ, ୧୦।୧୨(ସମିସ):** ବଣାଇଁ ଉପଖଣ୍ଡ ଟିକାୟତ ପାଲି ଥାନା ଅଧୀନ ଟିକାୟତପାଲି ଷ୍ଟେଟବ୍ୟାଙ୍କଠାରୁ କିଛି ଦୂରରେ ଜାତୀୟ ରାଜପଥ ୧୪୩ରେ ଏକ ଲୁଟ୍ ଘଟଣାରେ ପୁଲିସ ଦୁଇଜଣଙ୍କୁ ଅଟକ ରଖିଛି। ସେମାନେ ହେଲେ ଗଞ୍ଜାମ ଜିଲ୍ଲା ଆସିକା ଅଞ୍ଚଳର ବୋଲି ଜଣାପଡ଼ିଛି। ସଠିକ ପରିଚୟ ମିଳି ନ ଥିବାରୁ ପୁଲିସ ସେମାନଙ୍କ ଆଧାରକାର୍ଡ ମଗାଇ ଯାଞ୍ଚ କରିବ ବୋଲି କହିଛି। ଏମାନଙ୍କୁ ଗ୍ରାମବାସୀ କାବୁକରି ପୁଲିସର ଜିମା ଦେଇଥିଲେ।

ପ୍ରକାଶ ଯେ ମଙ୍ଗଳବାର ଅପରାହ୍ନରେ ସରସରା ଗ୍ରାମର ତ୍ରିଲୋଚନ କିସାନ (୪୨) ନିଜ ସ୍ତ୍ରୀ କୁମାରୀ କିସାନଙ୍କ ସହିତ ଟଙ୍କା ଉଠାଇବା ପାଇଁ ଟିକାୟତ ପାଲି ଷ୍ଟେଟବ୍ୟାଙ୍କକୁ ଆସିଥିଲେ। ବ୍ୟାଙ୍କରୁ ୨୦ ହଜାର ଟଙ୍କା ଉଠାଇ ବାଇକ୍ ଯୋଗେ ଉଭୟ ଘରକୁ ଫେରୁଥିବା ବେଳେ ସେମାନଙ୍କୁ ପିଛାକରି ଏକ କଳା ପଲସରରେ ହଠାତ୍ ଦୁଇଜଣ ଯୁବକ ଆସି ମହିଳାଙ୍କ ନିକଟରୁ ଟଙ୍କା ବ୍ୟାଗ୍ ଛଡ଼ାଇବାକୁ ଚେଷ୍ଟା କରିଥିଲେ। ଟଣାଓଟରା ଯୋଗୁଁ ବାଇକ୍ ଭାରସାମ୍ୟ ହରାଇ ଖସି ପଡ଼ିବାରୁ ଉଭୟ ଦମ୍ପତି ପାଟି କରିଥିଲେ। ଫଳରେ ଲୋକ ଧାଇଁ ଆସିବାରୁ ସେମାନେ ବାଇକ୍ ଛାଡ଼ି ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିବାବେଳେ ଗ୍ରାମବାସୀସେମାନଙ୍କୁ କାବୁକରି ଥିଲେ। ଲୋକେ ପୁଲିସକୁ ଖବର ଦେବାପରେ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ହେପାଜତକୁ ନେଇଥିଲା। ସେମାନଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

# କରାଟେ ଚାମ୍ପିଅନସିପ୍: ଆର୍ଯ୍ୟା ଓ ସୁହାନିଙ୍କ ପଦକ ହାସଲ



**ରାଉରକେଲା, ୧୦।୧୨(ସମିସ):** ନୂଆଦିଲ୍ଲୀ ଠାରେ ସର୍ବଭାରତୀୟ ଡିଏଭି ସ୍କୁଲ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଚଳିତ ମାସ ୨ ରୁ ୫ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରି ରାଉରକେଲା ବାସନ୍ତୀ କଲୋନୀସ୍ଥିତ ଡ. ଏଏନକେ ଡିଏଭି ପବ୍ଲିକ୍ ସ୍କୁଲର ଛାତ୍ରୀ ଆର୍ଯ୍ୟା ବଂଶୀକା ରୌପ୍ୟ ପଦକ ଓ ସୁହାନି ମିଶ୍ର କାନ୍ସ୍ୟ ପଦକ ହାସଲ କରିଛନ୍ତି। ଦୁଇ କୃତୀ କରାଟେଙ୍କୁ ସ୍କୁଲ ଅଧ୍ୟକ୍ଷ ଲୋକନାଥ ପ୍ରଧାନ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ କ୍ରୀଡ଼ା ପ୍ରଶିକ୍ଷକ ଦୁଷ୍ମନ୍ତ ବେହେରା ଉପସ୍ଥିତ ଥିଲେ। ଦୁଇ କରାଟେକା ରାଉରକେଲା ଉତ୍କଳ କରାଟେ ସ୍କୁଲରେ କୋଚ ରାଜୀବ ସିଂଙ୍କ ପାଖରେ କରାଟେ ପ୍ରଶିକ୍ଷଣ ନେଉଛନ୍ତି।

# ପୁରୋହିତ ବସନ୍ତ ଆଚାର୍ଯ୍ୟଙ୍କ ପରଲୋକ

ରାଉରକେଲା, ୧୦।୧୨(ସମିସ): କର୍ମକାଣ୍ଡ ପୁରୋହିତ ବସନ୍ତ ଆଚାର୍ଯ୍ୟଙ୍କ ୭୪ ବୟସରେ ସେକ୍ଟର -୪ ବାସଭବନରେ ପରଲୋକ ହୋଇଛି। ଦୀର୍ଘଦିନ ଧରି ସେ ଅସୁସ୍ଥ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ଦୁଇପୁଅ ସୂର୍ଯ୍ୟମଣି ଆଚାର୍ଯ୍ୟ, ଚନ୍ଦ୍ରମଣି ଆଚାର୍ଯ୍ୟ, ପୁତ୍ରବଧୂ ସମେତ ଆତ୍ମୀୟ ସୌଜନ ଉପସ୍ଥିତ ଥିଲେ। ଦୁଃଖଦ ଖବର ପ୍ରଚାରିତ ହେବାପରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଥିଲା।

# ‘ସାବାସ’ ଯୋଜନା ଅଧୀନରେ ୧୨ କର୍ମଚାରୀ ପୁରସ୍କୃତ



**ରାଉରକେଲା, ୧୦।୧୨(ସମିସ):** ସେଲ୍ ରାଉରକେଲା ଇସ୍ପାତ କାରଖାନାର ମାନବ ସମ୍ବଳ ବିଭାଗର ସମାଧାନ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସହର ପ୍ରଶାସନ ଓ ମାନବ ସମ୍ବଳ କ୍ଷେତ୍ରର ୧୨ ଜଣ କର୍ମଚାରୀଙ୍କୁ ସେଲ ସାବାସ ଯୋଜନା ଅଧୀନରେ ପୁରସ୍କାର ପ୍ରଦାନ କରାଯାଇଥିଲା। ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଉତ୍ସବରେ ଅଧ୍ୟକ୍ଷତା କରି ଅଧିକାରୀ ଓ କର୍ମଚାରୀମାନଙ୍କୁ ନିଜନିଜ କାର୍ଯ୍ୟକ୍ଷେତ୍ରରେ ଆଦର୍ଶ ପ୍ରଦର୍ଶନ ନିମନ୍ତେ ପୁରସ୍କୃତ କରିଥିଲେ। ଏହି ଅବସରରେ ସିଜିଏମ୍ (ଏମ୍‌ଏସ୍) ତଥା ଏଲ୍‌ଆଣ୍ଡଡି ଇନ୍‌ଚାର୍ଜ ପିକେ ସାହୁ, ଏଚଆର ସିଏଫ ବିଭାଗର ଜିଏମ ଡ. ପିକେ ସାହୁ, ସହର ସେବା ବିଭାଗର ଜିଏମ୍ ଇନ୍‌ଚାର୍ଜ ଟିଜି କାନେକର, ସହର ଇଞ୍ଜିନିୟରିଂ ବିଭାଗର ଜିଏମ୍ ମଙ୍ଗଳ ଓରାମ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଏଚଆର୍ ବିଭାଗର ଏଜିଏମ୍ ଅବିନାଶ, ସହର ଇଞ୍ଜିନିୟରିଂ ବିଭାଗର ଏଜିଏମ ପିକେ ମାନ୍ଧତା, ସହର ସେବା ବିଭାଗର ସିନିୟର ମ୍ୟାନେଜର ସଞ୍ଜୀବ କୁମାର ବେହେରା, ମାନବସମ୍ବଳ ବିଭାଗର ସିନିୟର ମ୍ୟାନେଜର ଏସ୍‌କେ ସେନାପତି, ସହର ଇଞ୍ଜିନିୟରିଂ ବିଭାଗର ଏଜିଏମ ଏସ୍.କେ ସ୍ୱାଇଁ, କ୍ରୀଡ଼ା ବିଭାଗର ଡେପୁଟି ମ୍ୟାନେଜର ଆର ଏନ୍‌ପାଢ଼ୀ, ସହର ଇଞ୍ଜିନିୟରିଂ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଚିତ୍ରସେନ ଜେନା ଓ ଉମାକାନ୍ତ ରାଉତ, ଜୁନିୟର ମ୍ୟାନେଜର ଏକେ ନାୟକ, ମାନବ ସମ୍ବଳ ବିଭାଗର ବରିଷ୍ଠ କାର୍ଯ୍ୟନିର୍ବାହୀ ସହାୟକ ଅଭିଷେକ ସାହୁ, ବରିଷ୍ଠ ପ୍ରଶିକ୍ଷକ ପିକେ ଦାସ ଏବଂ କାର୍ଯ୍ୟନିର୍ବାହୀ ସହାୟକ ସଞ୍ଜୟ ପୁରନଙ୍କୁ ଏହି ଯୋଜନାରେ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସିନିୟର ମ୍ୟାନେଜର (ଏଚଆର) ସୋମଦତ୍ତ ତ୍ରିପାଠୀ ସଂଯୋଜନା କରିଥିଲେ।

# ଜିମ୍ନାଷ୍ଟଙ୍କୁ ସାର୍ଟିଫିକେଟ୍ ପ୍ରଦାନ

**ରାଉରକେଲା, ୧୦।୧୨(ସମିସ):** ସ୍ଥାନୀୟ ଛେଣ୍ଡସ୍ଥିତ ଜିମ୍ନାଷ୍ଟିକ୍ ସେଣ୍ଟରରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଚଳିତ ମାସ ୬ ରୁ ୮ ତାରିଖ ପର୍ଯ୍ୟନ୍ତ ଜୟପୁରରେ ଆୟୋଜିତ ହୋଇଥିବା ଆନ୍ତଃଜିଲ୍ଲା ଜିମ୍ନାଷ୍ଟିକ୍ ପ୍ରତିଯୋଗିତାରେ ରାଉରକେଲାରୁ ପ୍ରଥମଥର ପାଇଁ ସର୍ବକନିଷ୍ଠ ବର୍ଗରେ ୪ ଝିଅ ଭାଗ ନେବା ସହିତ ୨ ଜଣ ଅଫିସିଆଲ୍ ହିସାବରେ ମଧ୍ୟ ଭାଗ ନେଇଥିଲେ। ୪ ଖେଳାଳି ଆଡିତି ପଣ୍ଡା, ଆରୟାନ୍ସି ପରିଡ଼ା, ଶ୍ରଦ୍ଧା ସୁମନ ସାହୁ ଓ ସଙ୍ଗୀତା ହଲଦର୍ ସେହିଭଳି ୨ ଅଫିସିଆଲ୍ ସାୟନ୍ ଦାସ ଓ ରମେଶ ବେହେରାଙ୍କୁ ପ୍ରତିଯୋଗିତାର ସାର୍ଟିଫିକେଟ ପ୍ରଦାନ ମାଧ୍ୟମରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଦେବାଶିଷ ମହାପାତ୍ର, ବିଜୟ ସୁନ୍ଦର ରାୟ, ଦୀପ୍ତି ବିଶ୍ୱାଳ ଓ ଗରିମା ପତ୍ରି ରହି ସମସ୍ତଙ୍କୁ ସାର୍ଟିଫିକେଟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ମହେନ୍ଦ୍ର ମିଶ୍ର, ଲେଖାଶ୍ରୀ ଓ ରିଚା ସହଯୋଗ କରିଥିଲେ।

# ଓପନ୍ ସୁନ୍ଦରଗଡ଼ ଡେଡ୍‌ଲିଫ୍ଟ ଚାମ୍ପିଅନସିପ୍

**ରାଉରକେଲା, ୧୦।୧୨(ସମିସ):** ଅରିଜିନାଲ ପାୱାର କ୍ଲବ୍ ଆନୁକୂଲ୍ୟରେ ରାଇମା କ୍ଲବ୍ ସହଯୋଗରେ ସେକ୍ଟର -୭ କମ୍ୟୁନିଟି ସେଣ୍ଟର୍ ଠାରେ ଓପନ୍ ସୁନ୍ଦରଗଡ଼ ଡେଡ୍‌ଲିଫ୍ଟ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ସମ୍ପାଦକ ପ୍ରଭାତ ଭୋଳ, ସମ୍ମାନିତ ଅତିଥି ଜୋନ୍ ୧ ଡିଏସପି ପୁଷ୍ପାଞ୍ଜଳି ନିଙ୍ଗୀ, ପଦ୍ମିନୀ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ମୋଟ ୧୪୬ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ସିଟି ଇଂଲିଶ ସ୍କୁଲ ପ୍ରଧାନ ଶିକ୍ଷକ ଦିବ୍ୟଜ୍ୟୋତି ରାୟ, ଲଳିତା ସାମଦ, ବନ୍ଦିତା ମହତୋ, ସୁମିତ ସିଂ, ଗୁରବିନ୍ଦର୍ ସିଂ, ରାଜେଶ ଜେନ ପ୍ରମୁଖ ପୁରସ୍କୃତ କରିଥିଲେ। ଏହି ଅବସରରେ ଅରିଜିନାଲ ପାୱାର କ୍ଲବ ଉପଦେଷ୍ଟା ସଞ୍ଜୟ ସାହୁ, ଉମେଶ ସିଂ, ରାଧୋ ଶର୍ମାଙ୍କୁ ସମ୍ମାନିତ କରାଯାଇଥିଲା। ବିକ୍ରମ ସ୍ୱାଇଁ ରେଫରି ଦାୟିତ୍ୱ ନିର୍ବାହ କରିଥିଲେ। ସୁରେଶ ଶର୍ମା ପରିଚାଳନା କରିଥିବା ବେଳେ ଓପି ସିଂ, ରିଶି ସେବକ, ଜିତୁ ରାୟ, ହରିଶଙ୍କର ସାହ, ରାଇମା କ୍ଲବର ବାସୁ ବାନାର୍ଜୀଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ। ବିଜେତାମାନଙ୍କୁ ରାଜ୍ୟସ୍ତରୀୟ ପାୱାରଲିଫ୍ଟିଂ ଓ ୱେଟଲିଫ୍ଟିଂ ପ୍ରତିଯୋଗିତାରେ ଭାଗନେବାକୁ ସୁଯୋଗ ଦିଆଯିବ ବୋଲି କୁହାଯାଇଛି।

## ଏକତ୍ର ରାଉରକେଲାର ଇସ୍ପାତ ନାଟ୍ୟ ମହୋତ୍ସବର ୯ମ ସନ୍ଧ୍ୟା

# ନାଟକ ‘ହନୁର ଲାଞ୍ଜ’ ମଞ୍ଚସ୍ଥ



**ରାଉରକେଲା, ୧୦।୧୨(ସମିସ)**

ଏକତ୍ର ରାଉରକେଲାର ଇସ୍ପାତ ନାଟ୍ୟ ମହୋତ୍ସବ ୨୦୨୪ ର ନବମ ସନ୍ଧ୍ୟାରେ ଉତ୍କଳୀ ସାଂସ୍କୃତିକ ଶିଳ୍ପୀର ନାଟକ ‘ହନୁର ଲାଞ୍ଜ’ ମଞ୍ଚସ୍ଥ ହୋଇଯାଇଛି। ଶୁଭଶ୍ରୀ ଦାଶଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗାଳ୍ପିକ ଭୂପେନ ମହାପାତ୍ର ଯୋଗଦେଇ ଓଡ଼ିଶାରେ ନାଟ୍ୟ ଜାଗତର ବିରାଟ ପରମ୍ପରା ରହିଥିବା ବେଳେ ଏହା ଆଗକୁ ବଜାୟ ରହିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ଶଙ୍କର ପ୍ରସାଦ ତ୍ରିପାଠୀ ଯୋଗଦେଇ ନାଟକ ହିଁ ସମାଜର ଦର୍ପଣ ବୋଲି କହିଥିଲେ। ଆର୍‌ଏସ୍‌ପିର ସଞ୍ଚାର ବିଭାଗ ମୁଖ୍ୟ ଅର୍ଚ୍ଚନା ଶତପଥୀ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଏକତ୍ର ପକ୍ଷରୁ ଡ. ନିବେଦିତା ଜେନା ସ୍ୱାଗତ ଅଭିଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବାବେଳେ ବରିଷ୍ଠ ମଞ୍ଚ ଅଭିନେତା ସରୋଜ ଶଙ୍ଖୁଆ ଧନ୍ୟବାଦ ଅର୍ପଣ କରିଥିଲେ। ନାଟ୍ୟକାର ବିଲୋଚନ ପାତ୍ରଙ୍କ ରଚିତ ଓ ନିର୍ଦ୍ଦେଶନାରେ ଏହି ନାଟକର ବିଷୟବସ୍ତୁ ହେଲା କଳ୍ପନା ବି କର୍ମ, ପ୍ରାର୍ଥନା ବି ମୋହ, ବର ବି ଶାପ। ଯାହାର ଭୋଗ ବନ୍ଧନ ନର ବାନର ଦେବତା ଅବତାର, ସମସ୍ତଙ୍କ ଇହ ପରକାଳରେ ଏପରିକି କାଳାନ୍ତରରେ ମଧ୍ୟ ନିଶ୍ଚିତ ପ୍ରତିଫଳନ ହୋଇଥାଏ। ଏଥିସହ ଏହି ନାଟକର ଅନ୍ତସ୍ୱର ଦେବ ଦୁର୍ଲ୍ଲଭ ମନୁଷ୍ୟ ଜୀବନକୁ ଅତି ସଞ୍ଜମତା ତଥା ବିଭୁ ସମର୍ପଣତା ଚେତନା ନେଇ ନିର୍ବାହ କରିବାର ସନାତନୀ ବାର୍ତ୍ତା ବହନ କରିଛି। ଏହିଭଳି କାହାଣୀକୁ ନେଇ ନାଟକଟି ଗତିଶୀଳ ହୋଇଥିଲା। ଏଥିରେ ବିଲୋଚନ, ଆନନ୍ଦ, ସ୍ୱାଗତ, ଅନୀଲ, ଅର୍ପିତା, ସୁଶ୍ରୀମୟୀ, ପାୟଲ, କ୍ଷୀତିକା, ପ୍ରତିକ୍ଷା, ସୁପ୍ରିୟା, ବିଭୁତି, ଅକ୍ଷୟ, କ୍ଷୀରୋଦ, ଜଗବନ୍ଧୁ, ଅନନ୍ତ ପ୍ରମୁଖ ଅଭିନୟ କରିଥିବା ବେଳେ ସଙ୍ଗୀତରେ ଗୁଲାବ ଓ ପ୍ରମୋଦ, ମଞ୍ଚ ସଜ୍ଜାରେ ଆରତୀ ମାଝୀ ଓ ଭୀଷ୍ମ ନାରାୟଣ ସ୍ୱାଇଁ, ଆଲୋକରେ ଅଶୋକ ନାୟକ, ନୃତ୍ୟରେ ବର୍ଷାରାଣୀ ପଣ୍ଡା, ରୂପସଜ୍ଜାରେ ଲକ୍ଷ୍ମୀ ଚିତ୍ରାଳୟ, ମଞ୍ଚ ପରିଚାଳନାରେ ପ୍ରକାଶ ରାଉଳ ଓ ଚିନ୍ମୟ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। ଇସ୍ପାତ କଳା ପରିଷଦର ସହଯୋଗ ଓ ଗଳ୍ପରେ ଡ ପଦ୍ମଜ ପାଳ ଦାୟିତ୍ୱ ନିର୍ବାହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ନାୟକ, ଅକ୍ଷୟ ଧଳ, ଡ. ସମର ମୁଦାଲି, ରମେଶ ମହାନ୍ତି, ଡ଼ା କୃପାସିନ୍ଧୁ ନାୟକ, ସୁରେନ୍ଦ୍ର ପାଢ଼ୀ, ପ୍ରବୀର ଜେନା, ଆଲୋକ ବୋଷ, ସଭାପତି ରାଜୀବ ପାଣି ଓ ସମ୍ପାଦକ ସୁଦେଶ ନାୟକ, ସୁମନ ଦତ୍ତ, ପପୁ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ମଞ୍ଚ କାର୍ଯ୍ୟକ୍ରମରେ କଲ୍ୟାଣୀ ଦାସ ଓ ସନ୍ଧ୍ୟା ପଟ୍ଟନାୟକ ସହଯୋଗ କରିଥିଲେ।



# ମତ୍ସ୍ୟ, ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ

**ଭବାନୀପାଟଣା, ୧୦ ।୧୨(ସମିସ):** ସ୍ଥାନୀୟ ଲାଲ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍‌ରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ମଙ୍ଗଳବାର ଉଦ୍‌ଘାଟିତ ହୋଇଛି । ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, ଓମଫେଡ୍ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ସାଂସଦ ପ୍ରତିନିଧି ଅନିଲ ନନ୍ଦ, ଭବାନୀପାଟଣା କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଡ. ଅମିତାଭ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଏହି ସଭାରେ ଅତିକ୍ତ ଜିଲ୍ଲାପାଳ (ରାଜସ୍ୱ) ବୈତୁରା ଦୀପ ସଭାପତିତ୍ୱ କରିଥିଲେ । ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ମଧୁସୂଦନ ଦାସ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରାଣୀ ସମ୍ପଦ ଯୋଜନା ଉପରେ ଅବଗତ କରିଥିଲେ । ଜିଲ୍ଲା ମତ୍ସ୍ୟ ଅଧିକାରୀ ଦ୍ରୌପଦୀ ମାଝୀ ମତ୍ସ୍ୟ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ବିଷୟରେ ଅବଗତ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ୧୩ଟି ବ୍ଲକରୁ ପ୍ରାୟ ହଜାରରୁ ଅଧିକ ଚାଷୀ ଓ ମହିଳା ସହାୟିକା, ଅଗ୍ରଣୀ ମହିଳା ଗୋଷ୍ଠୀ ଯୋଗ ଦେଇଥିଲେ । ଏହି ଅବସରରେ ପାଣିମୁଣ୍ଡାର ଅଗ୍ରଣୀ ମାଛ ଜାଆଁଳା ଚାଷୀ ସୁରେଖା ଭୋଇ, କେସିଙ୍ଗା କିନର୍କେଲାର ଅଗ୍ରଣୀ ମାଛ ଚାଷୀ ଅଶ୍ୱିନୀ ଭୋଇ, ଅଗ୍ରଣୀ ଘୁଷୁରୀ ପାଳନ ପାଇଁନର୍ଲା ପଟାଙ୍ଗପଦରର ମିତାଞ୍ଜଳି ବଳ, କୋକସରା ବ୍ଲକ ଖପ୍ରାମାଲର ଦଣ୍ଡପାଟେନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଛେଳି ପାଳନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଡ.ତେଜସିନୀ ସାହୁ ଓ ଡ. ସୁଦେବୀ ଭଞ୍ଜ ପରିଚାଳନା କରିଥିଲେ । ଡା ଅଶୋକ ପଣ୍ଡା, ଡା ପ୍ରଭାତ ପରିଡ଼ା, ଦୀପକ ବେଉରା, ଡା କେଦାରନାଥ ଖମାରୀ, ମତ୍ସ୍ୟ ବିଭାଗର ପ୍ରଶାନ୍ତୀ ନାୟକ, ପ୍ରଦୀପ ଘୋଷ, ଲିମନ ଚନ୍ଦ୍ରାକର, ବ୍ରହ୍ମପ୍ରକାଶ ପୃଷ୍ଟି, ଶକ୍ତିକାନ୍ତ ବେହେରା, ମାନବେଶ ମହାପାତ୍ର, ଦେବବ୍ରତ ନାୟକ, ଅଳକା ତାଣ୍ଡି, ବନ୍ଦନା ପଣ୍ଡ, ଶ୍ୱେତା ସମୀକ୍ଷା, ଦେବବ୍ରତ ନାୟକ, ରୁଦ୍ର ପ୍ରତାପ ଶବର, ଇନ୍ଦ୍ରମଣି ଶବର, ପ୍ରୀତି ପ୍ରକାଶ ମହାନ୍ତ, ଘନଶ୍ୟାମ ସା, ଅମୀୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।




## କୋକସରା ବ୍ଲକରେ ମଣ୍ଡି ଆରମ୍ଭରୁ ଚାଷୀଙ୍କ ଦୁର୍ଦ୍ଦଶା

# ଛିଣ୍ଡୁନି ମୂଲଚାଲ; ଉଠୁନି ଧାନ





**କୋକସରା, ୧୦ ।୧୨(ସମିସ) :**

କଳାହାଣ୍ଡି ଜିଲ୍ଲାରେ ନଭେମ୍ବର ୨୯ ତାରିଖରୁ ମଣ୍ଡି ଆରମ୍ଭ ହୋଇଛି । କୋକସରା ବ୍ଲକରେ ଡିସେମ୍ବର ୨ ତାରିଖରୁ ମଣ୍ଡି ଖୋଲାଯାଇଛି । ତେବେ ବ୍ଲକରେ ମଣ୍ଡି ଆରମ୍ଭକୁ ୮ ଦିନ ହୋଇଗଲାଣି । ଅଥଚ ଦୁଇଟି ମୁଣ୍ଡିକୁ ଛାଡ଼ିଦେଲେ ଏପର୍ଯ୍ୟନ୍ତ ବାକି ମଣ୍ଡିରୁ ମୁଠାଏ ବି ଧାନ ଉଠିନି । ଏହାଫଳରେ ଚାଷୀ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି ।

କୋକସରା ବ୍ଲକରେ ୧୮ଟି ଧାନ ମଣ୍ଡି ରହିଛି । ସେଥିମଧ୍ୟରୁ ୬ଟି ମଣ୍ଡି ଓ ୧୨ଟି ଉପମଣ୍ଡି ରହିଛି । ବର୍ତ୍ତମାନ ମଣ୍ଡି ଆରମ୍ଭ ହୋଇ ୮ ଦିନ ଅତିକ୍ରମ କଲାଣି । କେବଳ ଟେମରା ଓ ଝରିଆଗୁଡା ଉପ ମଣ୍ଡିରୁ ଧାନ ଉଠିଛି । ତେବେ ଚାଷୀ ପ୍ରଥମ ପର୍ଯ୍ୟାୟରେ ୨ ତାରିଖରୁ ଟେକନ ପାଇଥିବାବେଳେ ସପ୍ତାହେ ହେଲାଣି ବିକ୍ରି ନିମନ୍ତେ ମଣ୍ଡିକୁ ଧାନ ଆଣିଛନ୍ତି । ଆମପାଣି ପେକ୍ସ ଅଧୀନ ବଡ଼ପୋଡ଼ାଗୁଡ଼ା, କାଉଡୋଲା ଓ ଆମପାଣି ମଣ୍ଡିରେ ମୋଟ ୨୩ ଶହ ୩୮ ଜଣ ଚାଷୀ ଧାନ ବିକ୍ରି କରିବା ନିମନ୍ତେ ପଞ୍ଜିକରଣ କରିଛନ୍ତି । ତେବେ ଆମପାଣି ମଣ୍ଡିରେ ୨ ତାରିଖର ଟୋକନ ପାଇଥିବା ଚାଷୀ ଧାନ ଆଣି ବିକ୍ରି ପାଇଁ ଆଜି ପର୍ଯ୍ୟନ୍ତ ଜଗି ବସିଛନ୍ତି; କିନ୍ତୁ ଧାନ ଉଠି ପାରୁନାହିଁ । ଏହା ଫଳରେ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି । ଏ ନେଇ ଚାଷୀ ରତନ ଦିଶାରୀ, ବିଶ୍ୱମ୍ବର ନାଏକ, ବୈଦେଚନ୍ଦ୍ରେ ବାଗ, ରାଧା ମୋହନ ମାଝୀ, ସୂର୍ଯ୍ୟ ପୁଝାରୀ, ଗିରି ପୁଝାରୀ, ସିଦ୍ଧେଶ୍ୱର ନାଏକ, ପୃଥ୍ୱୀରାଜ ବେହେରା, କୁମୁଦ ଚନ୍ଦ୍ର ବେହେରା, ଫକିର ଠାକୁର, ରାଏଚନ ମାଝୀଙ୍କ ସମେତ ମଣ୍ଡିକୁ ଆସିଥିବା ଅନେକ ଚାଷୀ ସିଧାସଳଖ ଅଭିଯୋଗ କରିଛନ୍ତି ଯେ' ମିଲର୍ସମାନେ ୫ କିଲୋ କଟନି କରିବା ପାଇଁ ସେମାନଙ୍କ ସହିତ ମୁଲଚାଲ କରୁଛନ୍ତି । ଚାଷୀମାନେ ଏଫ୍‌ଏକ୍ୟୁ ମାନର ଧାନ ଆଣିଥିବାରୁ ମିଲର୍ସମାନଙ୍କ କଥାରେ ଅରାଜି ହୋଇଥିବା କାରଣରୁ ଧାନ ଉଠାଣ ହେଉନଥିବା ପ୍ରକାଶ କରିଛନ୍ତି । ସେହିପରି ବ୍ଲକର ଲଡୁଗାଁ, କୋକସରା, କଶିବାହାଲ, ମୋଟେର, ଡହଗାଁ, ବଡ଼ପୋଡ଼ାଗୁଡ଼ା, କାଉଡୋଲା, ଡୁନଗାଁ, ଫୁପଗାଁ, କନ୍ଦାବୁଟୁରା, ଡାଲଗୁମା, ଖୁଣ୍ଟିଆ, ଗମ୍ଭାରୀଗୁଡା, ଡୁଡୁକାଠେଙ୍ଗା ଆଦି ଧାନ ମଣ୍ଡିରୁ ମଧ୍ୟ ମୁଠାଏ ମଧ୍ୟ ଧାନ ଉଠାଣ ହୋଇନି । ଚାଷୀ ବର୍ଷକର କଷ୍ଟ ଉପାର୍ଜିତ ଧାନାକୁ ବିକ୍ରି ନିମନ୍ତେ ଆଣିଥିବାବେଳେ ମଣ୍ଡି ଆରମ୍ଭ ଦିନରୁ ଦୁର୍ଦ୍ଦଶା ଭୋଗୁଛନ୍ତି ।

କିଛି ଦିନ ହେଲା କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା ପଡୁଥିବାରୁ ଚାଷୀଙ୍କ ଚିନ୍ତା ଦ୍ୱିଗୁଣିତ ହୋଇଛି । କଷ୍ଟ ଉପାର୍ଜିତ ଧାନକୁ ବର୍ଷାରୁ କେମିତି ରକ୍ଷା କରିବେ ତାକୁ ନେଇ ଦିନ ରାତି ଶୀତ କାକରରେ ପେଶି ହୋଇ ଧାନକୁ ଜଗି ବସିଛନ୍ତି ଚାଷୀ । ଏ ନେଇ ବିଭିନ୍ନ ପେକ୍ସର ସମ୍ପାଦକମାନଙ୍କ ପ୍ରତିକ୍ରିୟା ନେବାରୁ ବୁଧବାର ସୁଧା ଧାନ ଉଠାଣ ହେବ ବୋଲି କହିଛନ୍ତି । ସେହିପରି କୋକସରା ବ୍ଲକ ଯୋଗାଣ ନିରିକ୍ଷକ ଜଗାରାମ ମୁର୍ମୁଙ୍କ ପ୍ରତିକ୍ରିୟା ନେବାରୁ ଲଡୁଗାଁ, କୋକସରା ଓ ଅନ୍ୟ କେତକ ପେକ୍ସରୁ ଧାନ ଉଠାଣ ହେବ । ମିଲ ଗୁଡ଼ିକରୁ ଗାଡ଼ି ଲାଗି ସାରିଛି ବୋଲି କହିଛନ୍ତି ।

# କୁସୁମଖୁଣ୍ଟି ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା



**କୋକସରା, ୧୦ ।୧୨(ସମିସ):** କୋକସରା ବ୍ଲକ ମୋଟେର ପଞ୍ଚାୟତ କୁସୁମଖୁଣ୍ଟି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗତ ଦୁଇ ଦିନ ଧରି ଚାଲିଥିବା ୨୭ତମ ବାର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଛି । ଉଦଘାଟନୀ ଉତ୍ସବରେ ନରେଶ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପରିଚାଳନା କମିଟି ସଭାପତି ବୃନ୍ଦାବନ ପୁଝାରୀ, ସମ୍ପାଦକ ରାମକୃଷ୍ଣ ପଟ୍ଟନାୟକ, ଉପ-ସଭାପତି ପରମେଶ୍ୱର ବାଗ, ସହସମ୍ପାଦକ ଜିତେନ୍ଦ୍ର ନିଆଲ, କୋଷାଧକ୍ଷ ଦିଗନ୍ତ ପଟ୍ଟନାୟକ, ମହେନ୍ଦ୍ର ବେହେରା, ଗାୟତ୍ରୀ ବାଣୁଆ, ପଙ୍କଜିନୀ ବେହେରା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ । ପ୍ରଧାନ ଆଚାର୍ଯ୍ୟ ଦେବାନନ୍ଦ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଗୁରୁଜୀ ଉତ୍ତମ ପଣ୍ଡା ଓ ପରମାନନ୍ଦ ବେମାଲ ମଞ୍ଚ ସଂଯୋଜନା କରିଥିଲେ । ଛାତ୍ରଛାତ୍ରୀଙ୍କୁ ନେଇ ବଲ୍ ଫିଙ୍ଗା, ପୁଚି, ଚୌକିବସା, କଙ୍କଡାଚାଲି ଦୌଡ଼, ଲମ୍ବଡିଆଁ, ଉଚ୍ଚ ଡିଆଁ, ମ୍ୟୁଜିକ୍ ଚେୟାର, ଭାଲୁ ଚାଲି ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରାଣୀ ମହାରଣା, ମିନତୀ ପଟ୍ଟନାୟକ, ତରୁଣୀ ଗୋପାଳ, ମିନାକ୍ଷୀ ନାଗ, ସୁଲଗ୍ନା ଦାସ, ବୈଶାଳୀ ନାଗ, ସ୍ନିଗ୍ଧା ଭଞ୍ଜ, ଗୁରୁଜୀ ମୁରଲୀଧର ପଟ୍ଟନାୟକ, ଦୁଷ୍ମନ୍ତ ପୁଝାରୀ, ଭୋଳାନାଥ ବେମାଲ, ଭିକାରୀ ବିଶି, ବାଦ୍ୟଯନ୍ତ୍ରରେ ଭୁବନେ ସୁନାନୀ, ତନୁକ ଲାଲ ନାଗ ପ୍ରମୁଖ ସହଯୋଗ କରିଥିଲେ । ଉଦ୍‌ଯାପନୀ ସମାରୋହରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ ପ୍ରଦାନ କରାଯାଇଥିଲା ।

● ଅନୁସୂଚିତ ଜାତିଙ୍କ ଚାକିରି ଅନ୍ୟକୁ ଦେବା ବରଦାସ୍ତ କରାଯିବନି

# ଗର୍ଜିଲା ଓବିସି, ଏସ୍‌ସି ଓ ଏସ୍‌ଟି ମିଳିତ ମହାସଂଘ

**ଧର୍ମଗଡ଼, ୧୦ ।୧୨(ସମିସ):** ବିଧାନସଭାରେ ବିଧାୟକ ଅରୁଣ ସାହୁଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯେଉଁ ଉତ୍ତର ଦେଇଛନ୍ତି ତାହା ଚର୍ଚ୍ଚାର ବିଷୟ ପାଲଟିଛି । ଓଡ଼ିଶା ସରକାରଙ୍କ ଶାସନ ବ୍ୟବସ୍ଥାରେ ୮୫ ପ୍ରତିଶତ ଜନସଂଖ୍ୟା ବିଶିଷ୍ଟ ଓବିସି, ଏସ୍‌ସି ଓ ଏସ୍‌ଟି ସମାଜକୁ ମାତ୍ର ୩୦ ପ୍ରତିଶତ ଚାକିରି ଦେବା, ପ୍ରଥମ ଶ୍ରେଣୀ ଚାକିରିରେ ଏହି ବର୍ଗରୁ ମାତ୍ର ୧୫ ପ୍ରତିଶତ ଲୋକଙ୍କୁ ନିଯୁକ୍ତି ଦେବା ନିଶ୍ଚିତ ଭାବେ ଚିନ୍ତାର ବିଷୟ । ସରକାର ଏ ବିଷୟକୁ ଗୁରୁତର ସହିତ ବିଚାର କରନ୍ତୁ । ୩ ମାସ ମଧ୍ୟରେ ଜାତି ଜନସଂଖ୍ୟା ଅନୁସାରେ ସଂରକ୍ଷଣ ଦିଅନ୍ତୁ । କଳାହାଣ୍ଡି ଓବିସି, ଏସ୍‌ସି ଓ ଏସ୍‌ଟି ମିଳିତ ମହାସଂଘ ଏହି ଦାବି କରି ଗର୍ଜିଛି । ଏହାସହ ଧର୍ମଗଡ଼ ଉପଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛି । ସରକାର ଏହି ବର୍ଗର ବିକାଶ ପାଇଁ ଛଳନା କରିବା ସହିତ ସଂଖ୍ୟା ବହୁଳ ସମାଜକୁ ଧୋକା ଦେଉଥିବା ଅଭିଯୋଗ କରାଯାଇଛି । ନୂତନ ସରକାର ଏଥିପ୍ରତି ଗୁରୁତ୍ୱ ସହକାରେ ଅତିଶୀଘ୍ର ସମସ୍ତ ସରକାରୀ ଚାକିରିରେ ଜନସଂଖ୍ୟା ଅନୁପାତରେ ଖାଲି ପଦବୀ ସବୁ ପୂରଣ କରିବାକୁ ଦାବୀ ହୋଇଛି । ଅନ୍ୟଥା ଭୟଙ୍କର ଆନ୍ଦୋଳନ କରାଯିବ ବୋଲି ମହାସଂଘ କହିଛି । ଆବାହକ ଡମ୍ବରୁଧର ଲହଜଲ, ରାଜେନ୍ଦ୍ର ଭୋଇ, କଲ୍ୟାଣୀ ନାଏକ, ବିରଞ୍ଚି ଜାଲ, ଡାକେଶ୍ୱର ଲହଜଲ, ଦିଗାମ୍ବର ଦୁରିଆ, ଗୁଣନିଧି ଶବର, ଚୈତନ୍ୟ ନାଏକ, ବିନୋଦ ନାଏକ, ତରୁଣ ନାଏକ, ପରୀକ୍ଷିତ ନାଏକ, ରାମପ୍ରସାଦ ଗୋପାଳ, ଢଗ ନାଏକ, ସୋମ୍ୟ ନାଏକ, ନିରାକାର ନାଏକ, ଚନ୍ଦ୍ର ଲହଜଲ, ଦିନେଶ ପୁଝାରି, ପଦ୍ମମୁଖ ଶବର, ଜଳନ୍ଧର ମେହେର, ଯୋଗେଶ ତାଣ୍ଡି ଆଦି କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ ।

> ଓବିସି, ଏସ୍‌ସି ଓ ଏସ୍‌ଟିଙ୍କ ସହ ସରକାର ଛଳନା କରୁଛନ୍ତି
>
> ସଂଖ୍ୟା ବହୁଳ ସମାଜକୁ ପ୍ରତାରଣା କରାଯାଉଛି




# କେସିଙ୍ଗାରେ ବାରମ୍ବାର ଚୋରି; ଟେର୍ ପାଉନି ପୁଲିସ; ଲାଗୁନି ସିସିଟିଭି

**କେସିଙ୍ଗା, ୧୦ ।୧୨(ସମିସ):** କେସିଙ୍ଗା ସହରରେ ଦିନକୁ ଦିନ ଚୋରି ବୃଦ୍ଧି ପାଉଛି । ଷ୍ଟେସନ ଓ ଜାତୀୟ ରାଜପଥ ହେତୁ ଚୋରି ପରେ ଦୁର୍ବୃତ୍ତ ସହଜରେ ଖସି ପଳାଇବାରେ ସକ୍ଷମ ହେଉଛନ୍ତି । ପୁଲିସ ଯେତେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ଆଣି ତଦନ୍ତ କଲେ ମଧ୍ୟ ଚୋର ଧରାପଡୁ ନାହାନ୍ତି । ପୁଲିସ ଡାଳେ ଡାଳେ ଗଲେ ଚୋର ପତରେ ପତରେ ଯାଉଛନ୍ତି । ସହରରେ ଚୋରି ସଂଖ୍ୟା ଏତେ ମାତ୍ରାରେ ବଢ଼ିଯାଇଛି ଯେ ଗତ ନଭେମ୍ବର ମାସ ପ୍ରଥମ ସପ୍ତାହରେ ଜଣେ ବିଶିଷ୍ଟ ବ୍ୟବସାୟୀଙ୍କ ଘର ଓ ଦୁଇଦିନ ପରେ ରାଜରାସ୍ତା କଡ଼ରେ ଥିବା ଦୁଇଟି ଦୋକାନକୁ ଏକା ରାତିରେ ସଟର ତାଡି ଚୋରି ହୋଇଛି । ସହରରେ ଅନେକ ଦୋକାନରେ ସିସିଟିଭିର ସୁବିଧା ନ ଥିବାରୁ ଚୋର ନିଶ୍ଚିନ୍ତରେ ଚୋରି କରି ଖସି ଯାଉଛନ୍ତି । ତେବେ କିଛି ମାସ ତଳେ କେସିଙ୍ଗା ଏନ୍‌ଏସି ପକ୍ଷରୁ ସହରର ମୁଖ୍ୟ ଛକରେ ସିସିଟିଭି ଲାଗିବ ବୋଲି ଚର୍ଚ୍ଚା ହାଇଥିଲା; ହେଲେ ଏ ପର୍ଯ୍ୟନ୍ତ ଗୋଟିଏ ମଧ୍ୟ ସିସିଟିଭି କ୍ୟାମେରା ଲାଗିନି ।

## ସେମାନେ ଯାହା କୁହନ୍ତି...



କେସିଙ୍ଗା ସହରରେ ସିସିଟିଭି ଲାଗିଲେ ନିହାତି ପକ୍ଷେ ଚୋରି କମିବ । ଏହା ସହିତ ଚୋରର ଗତିବିଧି ଉପରେ ନଜର ରଖିହେବ; ଯାହା ତଦନ୍ତ ସମୟରେ ବହୁତ କାମରେ ଆସିବ । ତତ୍ ସଙ୍ଗେ ସଙ୍ଗେ ସହରର ଟ୍ରାଫିକ ସମସ୍ୟା ମଧ୍ୟ କିଛି ମାତ୍ରାରେ ନିୟନ୍ତ୍ରଣ ହେବ ।

**ପ୍ରଦ୍ୟୁମ୍ନ ମହାପାତ୍ର ( କେସିଙ୍ଗା ଆଦର୍ଶ ଥାନା ଅଧିକାରୀ)**



କେସିଙ୍ଗା ଏନ୍‌ଏସିରେ ବର୍ତ୍ତମାନ ପାଣ୍ଠି ନାହିଁ । ସରକାରଙ୍କ ତରଫରୁ ଅନୁଦାନ ଆସିଲେ କେସିଙ୍ଗା ସହରର ମୁଖ୍ୟ ଛକଗୁଡ଼ିକରେ ନିହାତି ଭାବେ ସିସିଟିଭି ଲଗାଯିବ । କେସିଙ୍ଗା ଜନସାଧାରଣଙ୍କ ପ୍ରତ୍ୟେକ ସମସ୍ୟାର ସମାଧାନ କରିବା ପାଇଁ ଏନ୍‌ଏସି ବଦ୍ଧପରିକର ।

**ନୃପରାଜ ଯାଦବ ( କେସିଙ୍ଗା ନଗରପାଳ)**



ସହରର ଚୋରି ବୃଦ୍ଧି ନିହାତି ଭାବେ ପୁଲିସର କାର୍ଯ୍ୟଦକ୍ଷତା ଉପରେ ନିଶ୍ଚିତ ଭାବରେ ପ୍ରଶ୍ନ ସୃଷ୍ଟି କରିଛି । ସହରର ତେଲ ନଦୀ ସାଇଡ ଓ ତହସିଲ ଅଫିସ ସାଇଡରେ ରାତ୍ରିକାଳୀନ ପାଟ୍ରୋଲିଂ କଡାକଡି କରିବାର ଆବଶ୍ୟକତା ରହିଛି ।

**ଯଯାତି କେଶରୀ ଦେଓ (ବରିଷ୍ଠ ସାମ୍ବାଦିକ)**

# ମାନସ ରଞ୍ଜନ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**କୋକସରା, ୧୦ ।୧୨(ସମିସ):**

କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ରେଙ୍ଗାଲପାଲି ପଞ୍ଚାୟତର ଡଙ୍ଗରିଗୁଡା ବସୁନ୍ଧାରୀ ଯୁବକ ସଂଘ ଆନୁକୂଲ୍ୟରେ ମାନସ ରଞ୍ଜନ ପାତ୍ର ସ୍ମାରକୀ ସପ୍ତ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି । ଉଦ୍‌ଘାଟନୀ ଦିବସର ପ୍ରଥମ ମ୍ୟାଚ୍ ଧର୍ମଗଡ଼ ଓ କର୍ଲାକୋଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ମ୍ୟାଚ ଭଇଁରୀଗୁଡା ଓ ଦାସିଗାଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚ୍ ଧର୍ମଗଡ଼ ଦଳ ୨/୧ ଗୋଲରେ ବିଜୟୀ ହୋଇଥିବା ବେଳେ ଦିତୀୟ ମ୍ୟାଚ୍ ଭଇଁରୀଗୁଡା ଦଳ ୩/୦ ଗୋଲରେ ବିଜୟୀ ହୋଇଛି । ଉଦ୍‌ଘାଟନୀ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ଅନିରୁଦ୍ଧ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ । ଅବସରପ୍ରାପ୍ତ ଖେଳ ଶିକ୍ଷକ କୃପାସିନ୍ଧୁ ପାତ୍ର, ପ୍ରମୋଦିନୀ ପାତ୍ର, ରେଙ୍ଗାଲପାଲି ନାଏବ ସରପଞ୍ଚ ଅଶୋକ ଭୋଇ, ବାଳକୃଷ୍ଣ ନାଏକ, ବିଦ୍ୟାଧର ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପିଇଟି ନବୀନ ବଗର୍ତ୍ତି ଖେଳ ପରିଚାଳନା କରିଥିଲେ । ଲାଇନ୍ସରେ ରାଜ ହେର୍ଣ୍ଣା ଓ କୁଞ୍ଜବିହାରୀ ମାଝୀ ସହଯୋଗ କରିଥିବା ବେଳେ ବାବୁଲାଲ ଶବର ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ ।

# ଆଦର୍ଶ ବିଦ୍ୟାଳୟରେ ମାନବ ଅଧିକାର ଦିବସ

**କେସିଙ୍ଗା, ୧୦ ।୧୨(ସମିସ):** ସ୍ଥାନୀୟ ଆଦର୍ଶ ବିଦ୍ୟାଳୟ ପରିସରରେ କେସିଙ୍ଗା ତାଲୁକ ଆଇନ ସେବା ସମିତି ପକ୍ଷରୁ ମାନବ ଅଧିକାର ଦିବସ ପାଳନ କରାଯାଇଛି । ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତଥା ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ଧନଞ୍ଜୟ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସେ ମାନବ ଅଧିକାର ଏବଂ ଭାରତର ସମ୍ବିଧାନ ଉପରେ କହିଥିଲେ । ଏହି ପରିପେକ୍ଷିରେ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ବିଦ୍ୟାଳୟର ଅଧକ୍ଷ ଡ. ନୀଳମାଧବ ପଟ୍ଟନାୟକଙ୍କ ସମେତ ସମ୍ମୁଖ କାର୍ଯ୍ୟାଳୟ ଆଇନ ପରାମର୍ଶଦାତା ଗୋଲକ ବିହାରୀ ପ୍ରଧାନ, ବରିଷ୍ଠ ଆଇନଜୀବୀ ସନ୍ତୋଷ ଦାସ, ସୌମ୍ୟ ରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।



## ଜିଲ୍ଲା ଜର୍ଣ୍ଣାଲିଷ୍ଟ ଫୋରମ୍‌ର ବାର୍ଷିକ ଉତ୍ସବ

# 'ପୁସ୍ତକ ମଣିଷ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ'

**ବୌଦ୍ଧ, ୧୦।୧୨(ସମିସ):**



ପୁସ୍ତକ ମଣିଷ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ପ୍ରତ୍ୟେକ ମଣିଷକୁ ପୁସ୍ତକରୁ ହିଁ ଜ୍ଞାନ ମିଳିଥାଏ। ଯିଏ ଯେଉଁ କ୍ଷେତ୍ରରେ ବି କାର୍ଯ୍ୟ କରନ୍ତୁ ଶିକ୍ଷା ବିନା ସେ କିଛି କରିପାରିବ ନାହିଁ। ଏହି ଶିକ୍ଷା ତାକୁ ପୁସ୍ତକ ପଢ଼ିବା ଦ୍ୱାରା ହିଁ ମିଳିଥାଏ। ମଣିଷ ଯେତେ ଆଧୁନିକ ଆଡକୁ ଗତି କଲେ ଏବଂ ଟେକନୋଲୋଜି ଯେତେ ଆଗେଇଲେ ବି ପୁସ୍ତକର ମୂଲ୍ୟ ଅଧିକ। ଏଣୁ ସମସ୍ତେ ପୁସ୍ତକ କିଣି ପଢ଼ିବା ଆବଶ୍ୟକ। ସ୍ଥାନୀୟ କଚେରୀ ପଡ଼ିଆରେ ଜିଲ୍ଲା ଜର୍ଣ୍ଣାଲିଷ୍ଟ ଫୋରମ୍ ଦ୍ୱାରା ଗତ ୩ ତାରିଖରୁ ଆୟୋଜିତ ଊନବିଂଶ ବୌଦ୍ଧ ପୁସ୍ତକମେଳା ଷଷ୍ଠ ସନ୍ଧ୍ୟାରେ ଫୋରମ୍‌ର ବାର୍ଷିକ ଉତ୍ସବ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ତେବେ କମ୍ପ୍ୟୁଟର ଯୁଗରେ ମଧ୍ୟ ପୁସ୍ତକର ଆବଶ୍ୟକତା ରହିଛି। ତେଣୁ ସମସ୍ତେ ପୁସ୍ତକ ପଢ଼ିବାରେ ଆଗ୍ରହ ରଖିବା ଉଚିତ ବୋଲି ଜିଲ୍ଲାପାଳ କହିଥିଲେ। ଜର୍ଣ୍ଣାଲିଷ୍ଟ ଫୋରମ୍ ସଭାପତି ଦିବ୍ୟଶଙ୍କର ରାଉତ, ସାଧାରଣ ସମ୍ପାଦକ ଯୁଗଳ କିଶୋର ସାମଲ ମଞ୍ଚାସୀନ ଥିଲେ। ଶୋଭନା ମିଶ୍ର ଅତିଥି ପରିଚୟ ଦେଇଥିଲେ। ପୁସ୍ତକମେଳା ମଞ୍ଚରେ ଜର୍ଣ୍ଣାଲିଷ୍ଟ ଫୋରମ୍‌ର ସ୍ମରଣିକା ବୌଦ୍ଧ ବାର୍ତ୍ତାବହ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ପ୍ରଫେସର ମଣୀନ୍ଦ୍ର ମେହେରଙ୍କୁ ବନମାଳୀ ପାଣିଗ୍ରାହୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସାମ୍ବାଦିକ ବଂଶୀଧର ମାଝୀଙ୍କୁ ପୁସ୍ତକମେଳା ସମ୍ମାନରେ ସମ୍ମାନିତ କରାଯାଇଥଲା। ସାହିତ୍ୟ କ୍ଷେତ୍ରରେ ପଦ୍ମାବତୀ ମିଶ୍ର ଓ ସମାଜସେବା କ୍ଷେତ୍ରରେ ଅଲ୍ ଓଡ଼ିଶା ୧୦୮ ଆମ୍ବୁଲାନ୍ସ ସଂଘର ବୌଦ୍ଧ ଜିଲ୍ଲା ଶାଖାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି ତାଲିମ ଶିବିର

**ପଲଶାଗୋରା, ୧୦।୧୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ପଞ୍ଚାୟତ ପରା -ବାଘମୁଣ୍ଡାରେ ବ୍ଲକସ୍ତରୀୟ ଉଦ୍ୟାନ କୃଷି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କଣ୍ଟାମାଳ ବ୍ଲକ ଉଦ୍ୟାନ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ସେଠିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ସହକାରୀ ଉଦ୍ୟାନ ଉପ ନିର୍ଦ୍ଦେଶକ ଯୋଗେନ୍ଦ୍ର ନାଥ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ପିଆଜ-ରସୁଣ ଉତ୍ପାଦନ କେନ୍ଦ୍ର ମୁଖ୍ୟ ତୁଷାର ପ୍ରକାଶ ଆମ୍ରେ, ଯାନ୍ତ୍ରିକ ଅଧିକାରୀ ରଞ୍ଜିତ ଦାସ, ବ୍ଲକ ସହ କୃଷି ଅଧିକାରୀ ଚାନ୍ଦିନୀ ପ୍ରଧାନ, ରାଜୀବ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍ୟାନ କୃଷି ସମ୍ପର୍କିତ ସମସ୍ତ ବିଷୟରେ ତାଲିମ ଦିଆଯାଇଥିଲା। ଶିବିରରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ଚାଷୀ ଯୋଗ ଦେଇଥିଲେ। ଶିବିର ପରିଚାଳନାରେ କଣ୍ଟାମାଳ ଉଦ୍ୟାନ ବିଭାଗର ରିତା ପ୍ରଧାନ, ଉଦ୍ୟାନ ସାଥି ରବୀନ୍ଦ୍ର କର୍ଣ୍ଣ, ଧର୍ମେନ୍ଦ୍ର ଭୋଇ, ଆଲୋକ ରଣା, ଭୋଜରାଜ ପୁଟା ପ୍ରମୁଖ ସହଯୋଗ କରିଥିଲେ।

# ବିପଦକୁ ଆମନ୍ତ୍ରଣ କରୁଛି ବିଦ୍ୟୁତ୍ ଖୁଣ୍ଟ



ସୋନପୁର, ୧୦।୧୨(ସମିସ): ସୋନପୁର ସହରର ଅଧୀନସ୍ଥ ପଟାଭାଡ଼ି କୋଶଳ ଉଚ୍ଚ ବିଦ୍ୟାଳୟ ସମ୍ମୁଖ ମାରୁତି ନଗର ନିକଟରେ ରାସ୍ତାର ମଧ୍ୟ ଭାଗରେ ଏକ ବିଦ୍ୟୁତ ଖୁଣ୍ଟ ସ୍ଥାନୀୟ ଲୋକଙ୍କ ପାଇଁ ବିପଦ ସାଜିଛି। ଏହି ରାସ୍ତା ଉପରେ ନିର୍ଭରଶୀଳ ଅଧିବାସୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ ହେଉଛି। ରାସ୍ତାଦେଇ ସାଇକଲ କିମ୍ବା ବାଇକରେ ଯାତାୟାତ କରୁଥିବା ଲୋକେ ଅଘଟଣ ଆଶଙ୍କାରେ ରହୁଛନ୍ତି। ରାସ୍ତା ଦେଇ କାର କିମ୍ବା ବଡ଼ ଗାଡ଼ି ଯିବା ସମ୍ଭବ ହେଉନାହିଁ। ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସୁଫଳ ମିଳୁନଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଦିଗରେ ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

# ଜମୁଛି ଫୁଲମୁଠି ଗୋକୁଳାଷ୍ଟମୀ ମହୋତ୍ସବ

ବିନିକା, ୧୦।୧୨(ସମିସ): ବିନିକା ବ୍ଲକ ଅଧୀନ ଫୁଲମୁଠିରେ ଚାଲିଥିବା ଗୋକୁଳାଷ୍ଟମୀ ଯାତ୍ରା ମହୋତ୍ସବର ଆଜି ଚତୁର୍ଥ ଦିବସରେ ପଦାର୍ପଣ କରିଛି। କଂସ ପ୍ରେରିତ ପୁତୁନା ଅସୁରୁଣୀର କ୍ଷୀର ପିଇ ନଟଖଟିଆ କୃଷ୍ଣ ତାଙ୍କ ଜୀବନ ନେଇଯାଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଆଜି ଦରବାରରେ କଂସ ବିଚଳିତ ହୋଇ କଣ ଶୂନ୍ୟବାଣୀ ସତ୍ୟ ହେବ ନା ଏହା କଦାପି ନୁହେଁ ବୋଲି ଗର୍ଜନ କରିଥିଲେ ମହାରାଜ କଂସ। ମହାମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ବକାସୁର ରାକ୍ଷସକୁ ଗୋପପୁର ପ୍ରେରଣ ଆଦି ଦୃଶ୍ୟ ମଥୁରା ନଗରୀ ଦରବାରରେ ମଞ୍ଚସ୍ଥ ହୋଇଥିଲା। ଠିକ ସେହିପରି ଗୋପପୁରରେ ଗୋବର୍ଦ୍ଧନ ମଲ୍ଲ କୃଷ୍ଣ ବଳରାମଙ୍କୁ ଗୋ-ଚାରଣ ବିଦ୍ୟା ପ୍ରଦାନ ପରେ ପ୍ରଭୁ କୃଷ୍ଣ ଗୋପାଳ ପୁଅଙ୍କ ସହ ଜଙ୍ଗଲକୁ ଗୋରୁ ଚରେଇବାକୁ ଯାଇ ବିଭିନ୍ନ ପ୍ରକାରର ଖେଳରେ ମଜ୍ଜି ରହିଥିଲେ ଆଦି ଦୃଶ୍ୟ ପ୍ରଦର୍ଶିତ ହୋଇଥିଲା। ଯାତ୍ରାରେ ଅଭିନୟ କରୁଥିବା କଳାକାରଙ୍କ ନିଖୁଣ ଅଭିନୟ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା।



# ଉଲୁଣ୍ଡା ବନାଞ୍ଚଳରେ ହାତୀ ଉପଦ୍ରବ





ନିଆଁ ଜାଳି ଫସଲ ଜଗୁଛନ୍ତି ଚାଷୀ

**ସୋନପୁର, ୧୦।୧୨(ସମିସ):** ଧାନ ଅମଳ ସମୟ ଆସିଲେ ପ୍ରତିବର୍ଷ ସୋନପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ହାତୀପଲଙ୍କ ଉପଦ୍ରବ ଦେଖାଦିଏ। ବର୍ଷଯାକର ସୁନାର ଫସଲ ବଞ୍ଚାଇବା ପାଇଁ ଚାଷୀମାନେ ନାକେଦମ ହୋଇଯାଆନ୍ତି। ଠିକ୍ ଅନ୍ୟ ବର୍ଷ ଭଳି ଏବର୍ଷ ମଧ୍ୟ ଉଲୁଣ୍ଡା ବନାଞ୍ଚଳର ବିଭିନ୍ନ ଗାଁରେ ହାତୀପଲଙ୍କ ଉପଦ୍ରବ ଦେଖାଦେଇଛି। ୨୧ ଟିକିଆ ହାତୀପଲ ଅଞ୍ଚଳରେ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ଏପଟେ ଫସଲ ବଞ୍ଚାଇବାକୁ ଚାଷୀମାନେ ନିଆଁ ଜାଳି ଫସଲ ଜଗୁଛନ୍ତି। ଦୁଇଦିନ ତଳେ ଏହି ହାତୀପଲକୁ ଉଲୁଣ୍ଡା ବନାଞ୍ଚଳରୁ ବନ କର୍ମଚାରୀମାନେ ଘଉଡ଼ାଇ ଦେଇଥିଲେ। ଦୁଇଦିନ ଶାନ୍ତିରେ ରହିବା ପରେ ଏହି ହାତୀପଲ ପୁଣି ଫେରିଛନ୍ତି। ଉଲୁଣ୍ଡା ଅଞ୍ଚଳରୁ ବିନିକାରେ ଉର୍ଲେ ଅଞ୍ଚଳକୁ ଏହି ହାତୀପଲ ପଳାଇଥିବା ସନ୍ଦେହ କରାଯାଉଛି। ହାତୀଙ୍କ ଗତି ଉପରେ ଆମେ ନଜର ରଖିଛୁ। ଯେପରି ଧନଜୀବନ ନଷ୍ଟ ନ ହେବ ଏବଂ ଏଥିପ୍ରତି ଆମେ ବିଶେଷ ଧ୍ୟାନ ଦେଇଛୁ ବୋଲି ବିନିକା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ହାତୀଙ୍କ ସହ ବନ ବିଭାଗ ଲୁଚକାଳି ଖେଳୁଥିବା ଅଭିଯୋଗ ହୋଇଛି। ବନ ବିଭାଗକୁ ଖବର ଦେଲେ ଉଲୁଣ୍ଡା ବନାଞ୍ଚଳରୁ ବନ ବିଭାଗ କର୍ମଚାରୀମାନେ ହାତୀ ଘଉଡ଼ାଇ ଦେଉଛନ୍ତି। ପ୍ରତ୍ୟେକ ବର୍ଷ ଅମଳ ସମୟରେ ଘଉଡ଼ାଇ ଦେଲେ ମହାନଦୀ ଡେଇଁ ଉଲୁଣ୍ଡା ଅଞ୍ଚଳରୁ ହାତୀ ବିନିକା ଅଞ୍ଚଳକୁ ଚାଲିଯାଇ ବହୁ କ୍ଷୟକ୍ଷତି ଘଟାନ୍ତି। ପୁଣି ଅଭିଯୋଗ କଲେ ବିନିକାରେ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଜ ଅଞ୍ଚଳରୁ ହାତୀ ଘଉଡ଼ାଇ ଦିଅନ୍ତି। ହାତୀ ପୁଣି ଉଲୁଣ୍ଡା ବ୍ଲକର ସିଣ୍ଡୋଲ ଅଞ୍ଚଳରେ ପହଞ୍ଚି ଯାଆନ୍ତି। ଗୋଟିଏ ଜିଲ୍ଲା ବନ ବିଭାଗ ଅଧୀନରେ କାମ କରୁଥିଲେ ମଧ୍ୟ ଦୁଇଟିରେ ଅଧିକାରୀଙ୍କ ଭିତରେ ତାଳମେଳର ଅଭାବ ଦେଖାଦିଏ ବୋଲି ଲୋକେ ଅଭିଯୋଗ କରନ୍ତି। ଅମଳ ସମୟରେ ଏମିତି ହାତୀ-ମଣିଷ ଲଢ଼େଇ ନୀତି ଦିନିଆ। ଫସଲ ବଞ୍ଚାଇବାକୁ ଯାଇ ହାତୀ ହାବୁଡ଼ରେ ପଡ଼ି ନିରୀହ ଚାଷୀମାନେ ଜୀବନ ହାରନ୍ତି। ଫସଲ ବଞ୍ଚାଇବା ପାଇଁ ପ୍ରତିବର୍ଷ ଚାଷୀଙ୍କୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼େ। ହାତୀ ମୁହଁରୁ ବଞ୍ଚିଲେ ଯାଇ ଖଳାକୁ ଧାନ ଆସେ ବୋଲି ଚାଷୀମାନେ ମତପ୍ରକାଶ କରିଛନ୍ତି।

# ୭୫ଏକର ଗଞ୍ଜେଇ ଗଛ ନଷ୍ଟକଲା ପୁଲିସ

**ଶଗଡ଼ାଶଗଡ଼ା, ୧୦।୧୨(ସମିସ):** କଣ୍ଟାମାଳ ପୁଲିସ ଲମ୍ବଶରୀ ପଞ୍ଚାୟତ ଖମାର ଗ୍ରାମ ନିକଟ ଜଙ୍ଗଲରେ ଚଢ଼ଉ କରି ବେଆଇନ ଭାବେ ଚାଷ ହୋଇଥିବା ହଜାର ହଜାର ଗଞ୍ଜେଇ ଗଛକୁ କାଟି ପୋଡ଼ି ନଷ୍ଟ କରିଛି। ଜଙ୍ଗଲର ୪୫: ୧୦ ଏକର ପରିମିତ ଜାଗାରେ ବେଆଇନ ଭାବେ ଗଞ୍ଜେଇ ଚାଷ ହୋଇଥିବା ଖବର ପାଇ ପୁଲିସ ଟିମ୍ ପହଞ୍ଚି ୪୫ହଜାର ୫୦ଟି ଗଞ୍ଜେଇ ଗଛକୁ କାଟି ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛି। ଏ ସଂକ୍ରାନ୍ତରେ କଣ୍ଟାମାଳ ଥାନାରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି। ସେହିଭଳି ଘଣ୍ଟାପଡ଼ା ପୁଲିସ ପକ୍ଷରୁ ତେନ୍ତୁଳି ମୁଣ୍ଡା ଗ୍ରାମ୍ୟ ଜଙ୍ଗଲରେ ଚଢ଼ଉ କରି ୩୦ ଏକର ପରିମିତ ଜାଗାରେ ବେଆଇନ ଭାବରେ ଚାଷ ହୋଇଥିବା ୨୯ହଜାର ୫ ଶହ ଗଞ୍ଜେଇ ଗଛକୁ କାଟି ପୋଡି ନଷ୍ଟ କରିଛି। ଏ ସଂକ୍ରାନ୍ତରେ ଘଣ୍ଟାପଡ଼ା ଥାନାରେ ଏକ ମାମଲା ରୁଜୁକରି ଅଧିକ ତଦନ୍ତ ଚଳାଇଛି।

# ଜଙ୍ଗଲରୁ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

**ବୌଦ୍ଧ, ୧୦।୧୨(ସମିସ):** ବୌଦ୍ଧ ଥାନା ବଘିଆପଡ଼ା ଫାଣ୍ଡି ଗୁରୁଜୀମୁଣ୍ଡା ଗ୍ରାମ ନିକଟରୁ ଜଣେ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ହୋଇଛି। ମୃତଦେହଟି ଗୁରୁଜୀମୁଣ୍ଡା ଗ୍ରାମରେ ଶଶୁର ଘରେ ରହୁଥିବା ନିକଟସ୍ଥ ବିରିଗଡ଼ ଗ୍ରାମର ବିପିନ ମାଝୀଙ୍କ ପୁଅ ରୁଧୀର ମାଝୀଙ୍କ ବୋଲି ଚିହ୍ନଟ ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଜନ୍ତୁ ଶିକାର ଲାଗି ବିଛା ଯାଇଥିବା ବିଦ୍ୟୁତ୍ ତାରରେ ଲାଗି ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ବଘିଆପଡ଼ା ଫାଣ୍ଡି ପୁଲିସ ତଦନ୍ତ ଆରମ୍ଭ କରିଛି।

# କୋକସରାରେ ଲକ୍ଷ୍ମୀପୂଜା ପାଇଁ କଳସ ଯାତ୍ରା

କୋକସରା, ୧୦।୧୨(ସମିସ): ମାଣବସା ଗୁରୁବାର ଅବସରରେ କୋକସରା ବ୍ଲକ ସଦର ମହକୁମାରେ ଲକ୍ଷ୍ମୀପୂଜା ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ମଙ୍ଗଳବାର ପୂଜା ମଣ୍ଡପଠାରୁ କଳସଯାତ୍ରାରେ ବାହାରି ଶହ ଶହ ମହିଳା ସ୍ଥାନୀୟ ପଦ୍ମ ପୋଖରୀରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ପୋଖରୀରୁ ପାଣି ଉଠାଇଥିଲେ। ଏହାପରେ ଜଳପୂର୍ଣ୍ଣ କଳସ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ପୂଜକ ଭାବେ ଶ୍ରୀପତି ଠାକୁର ପୂଜା କାର୍ଯ୍ୟ ସମ୍ପାଦନ କରଛନ୍ତି। କିଶୋର ଚନ୍ଦ୍ର ପ୍ରଧାନୀ ଓ ତାଙ୍କ ପତ୍ନୀ ସାରଙ୍ଗିନୀ ପ୍ରଧାନୀ କର୍ତ୍ତା ରହିଛନ୍ତି। କଳଶ ଯାତ୍ରାରେ ଧୋବେନଚଞ୍ଚରା ବାଳିକା ସଂକୀର୍ତ୍ତନ ଦଳ ଓ କୋକସରା ଘଣ୍ଟ ସାମିଲ ହୋଇଥିଲେ। ମହେନ୍ଦ୍ର ନେଗୀ, ପ୍ରମୋଦ ପ୍ରଧାନୀ, ଝିରୀ ନାଶନ ଚିନ୍ଦା, ଲକ୍ଷ୍ମୀ ନାରାୟଣ ପ୍ରଧାନି, ତ୍ରିଭୁବନ ପ୍ରଧାନୀ ପ୍ରମୁଖଙ୍କ ସହ ଶହ ଶହ ମହିଳା ଯୋଗ ଦେଇଥିଲେ। ୩ଦିନ ଧରି ଏହି ପୂଜା ହେବ। ଏହି ଅବସରରେ ପ୍ରବଚନ, ଭଜନ ସମାରୋହ ଓ ନାଟକ ଆଦି କର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ। ପୂଜା କମିଟିର ସଭାପତି କୈଳାସ ଚନ୍ଦ୍ର ଦାଶ, ସମ୍ପାଦକ ମୁକ୍ଷରାମ ପ୍ରଧାନୀ, ଉପ ସଭାପତି ବସନ୍ତ ପଟ୍ଟନାୟକ, କୋଷାଧ୍ୟକ୍ଷ ଜିତେନ୍ଦ୍ର ପ୍ରଧାନୀ, ଉପସଭାପତି ବସନ୍ତ ପଟ୍ଟନାୟକ, ଦେବାନନ୍ଦ ପଟ୍ଟନାୟକ, ଆଦିତ୍ୟ ପ୍ରଧାନୀ, ଅଶୋକ ପଟ୍ଟନାୟକ, ଲଳିତ ପ୍ରଧାନୀ, ଲଳିତ ଶବର, ଅବିନ ପ୍ରଧାନୀଙ୍କ ସମେତ ଗ୍ରାମବାସୀ ପୂଜାକାର୍ଯ୍ୟରେ ସହଯୋଗ କରୁଛନ୍ତି।



# 'ମାନବାଧିକାର ମଣିଷର ଜନ୍ମଗତ ଅଧିକାର'






**ବୀରମହାରାଜପୁର, ୧୦।୧୨(ସମିସ):**

ପ୍ରତିବର୍ଷ ଡିସେମ୍ବର ୧୦ ତାରିଖକୁ ଅନ୍ତର୍ଜାତୀୟ ମାନବାଧିକାର ଦିବସ ଭାବେ ପାଳନ କରାଯାଉଛି। ୧୯୫୦ ସଂଯୁକ୍ତ ରାଷ୍ଟ୍ର ତରଫରୁ ଏହି ତାରିଖ ଘୋଷଣା କରାଯାଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ବିଶ୍ୱସାରା ଲୋକ ଯେଭଳି ନିଜର ଅଧିକାର ପ୍ରତି ଜାଗୃତ ରହିବେ ବା ସଚେତନ ରହିବେ। ମାନବାଧିକାର କାନୁନ ମଧ୍ୟରେ ସ୍ୱାସ୍ଥ୍ୟ, ଆର୍ଥିକ, ସାମାଜିକ ଓ ଶିକ୍ଷା ଭଳି ଅଧିକାର ସାମିଲ ହୋଇଛି। ଏହା ମଣିଷର ଜନ୍ମଗତ ଅଧିକାର। ଏହାଦ୍ୱାରା ମଣିଷକୁ ଜାତି, ରାଷ୍ଟ୍ରୀୟତା, ଧର୍ମ ଓ ଲିଙ୍ଗ ଆଧାରରେ କେହି ପ୍ରତାରିତ କରିପାରିବେ ନାହିଁ। ବୀରମହାରାଜପୁରରେ ଅନ୍ତର୍ଜାତୀୟ ମାନବାଧିକାର ଦିବସ ପାଳନ ଅବସରରେ ଏହି ମତ ପ୍ରକାଶ ପାଇଛି। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ବରିଷ୍ଠ ନାଗରିକ ସଂଗଠନ ବୀରମହାରାଜପୁର ତରଫରୁ କାର୍ଯ୍ୟାଳୟ ପରିସରରେ ଅନ୍ତରାଷ୍ଟ୍ରୀୟ ମାନବାଧିକାର ଦିବସ ପାଳିତ ହୋଇଥିଲା। ଅବସରପ୍ରାପ୍ତ ସେନା ଅଧିକାରୀ ପ୍ରତାପ ଶଙ୍କର ପାଣିଗ୍ରାହୀ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ସପ୍ତଦୀପା ସାହିତ୍ୟ ସଂସଦର ସଭାପତି ଡ. ଦ୍ୱିତୀକୃଷ୍ଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ଦୟାନିଧି ହୋତା ଓ ନାରାୟଣ ପ୍ରସାଦ ନାୟକ ଯୋଗ ଦେଇଥିଲେ। ଅନୁଷ୍ଠାନର ପୂର୍ବତନ ସଭାପତି ଭଗବାନ ମିଶ୍ର ସଭାପତିତ୍ୱ କରିଥିଲେ। ବଳରାମ କାଣ୍ଡ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅକ୍ରୂର କୁମାର ଦନ୍ତା ଧନ୍ୟବାଦ ଅର୍ପଣ କରିଥିଲେ।




ସେହିଭଳି ବୀରମହାରାଜପୁର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ତାଲୁକ୍ ଆଇନ ସେବା ସମିତି ଅଧ୍ୟକ୍ଷା ତଥା ସବ୍ ଜଜ୍ ସରୋଜିନୀ ସାହୁ, ଏସଡିଜେଏମ ରାଜଶ୍ରୀ ପଟ୍ଟନାୟକ, ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଶଙ୍କର୍ଷଣ ପଣ୍ଡା ପ୍ରମୁଖ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନଶିକ୍ଷକ ନିରଞ୍ଜନ ଦାଶ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବୀରମହାରାଜପୁର ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦୁପାଲି ଉଚ୍ଚ ବିଦ୍ୟାଳୟର ନନ୍ଦିନୀ ମେହେର ପ୍ରଥମ, ବୀରମହାରାଜପୁର ବାଳକ ଉଚ୍ଚ ବିଦ୍ୟାଳୟର ଶୁଭମ୍ ମେହେର ଦ୍ୱିତୀୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଲିପ୍‌ସା ମେହେର ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ।

**ବିନିକା:** ତାଲୁକ ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ସ୍ଥାନୀୟ ବିନିକା ସ୍ପୋର୍ଟ୍‌ସ କ୍ଲବରେ ମଙ୍ଗଳବାର ମାନବ ଅଧିକାର ସାବ୍ୟସ୍ତ ଉପରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିନିକା ଜେଏମଏଫସି କୋର୍ଟ ତଥା ତାଲୁକ ଆଇନସେବା ସମିତି ଚେୟାରମ୍ୟାନ ସୁପ୍ରଭା କୁଣ୍ଡୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମାନବ ଅଧିକାରର ଉପକାରିତା ଉପରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିନିକା ଓକିଲ ସଂଘ ସଭାପତି ତଥା ସରକାରୀ ଓକିଲ ସୁଧାଂଶୁ ଶେଖର ଦାଶ, ସଂଘ ସମ୍ପାଦକ ହରିବଂଶ ମେହେର, ରିମାଣ୍ଡ ଆଡଭୋକେଟ ଦେବରାଜ ମେହେର, ନିରଞ୍ଜନ ମେହେର, ଦିଗାମ୍ବର ପଣ୍ଡା, ଗୋବିନ୍ଦ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ସଚେତନତା ସଭାକୁ କୋର୍ଟ କର୍ମଚାରୀ ଉମାଶଙ୍କର ସାହୁ ପରିଚାଳନା କରିଥିବା ବେଳେ ରଞ୍ଜନ ପ୍ରଧାନ ଓ ଅଭିଷେକ ବାଗ ସହଯୋଗ କରିଥିଲେ।

## ୧୪ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ସୁନ୍ଦରଗଡ଼,୧୦।୧୨(ସମିସ): ବିନା ମୂଲ୍ୟରେ ଜନ ସାଧାରଣଙ୍କୁ ଆଇନ ସେବା ଯୋଗାଇ ଦେବା ପାଇଁ ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ସୁନ୍ଦରଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଚଳିତ ଡିସେମ୍ବର ୧୪ ତାରିଖ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏଥିରେ ସୁନ୍ଦରଗଡ଼ କୋର୍ଟ ସମେତ ରାଉରକେଲା, ବଣେଇ, ବୀରମିତ୍ରପୁର, ରାଜଗାଙ୍ଗପୁର, ହେମଗିରି କୋର୍ଟ ପରିସରରେ ଅନୁଷ୍ଠିତ ହେବ । ଏଥିରେ ମକଦ୍ଦମା ସ୍ତରୀୟ ସାଲିସ ଯୋଗ୍ୟ ଫୌଜଦାରୀ ମାମଲା, ଚେକ୍ ବାଉନସ ସମ୍ବନ୍ଧୀୟ ମାମଲା, ଟଙ୍କା ପୁନରୁଦ୍ଧାର ମାମଲା, ମୋଟର ଯାନ ଦୁର୍ଘଟଣା ଜନିତ, ଶ୍ରମ ବିବାଦ ଜନିତ ମାମଲା, ବିଦ୍ୟୁତ୍ ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ ଦେଇ) ବୈବାହିକ ବିବାଦ (ବିବାହ ବିଚ୍ଛେଦ ବ୍ୟତୀତ) ଉଚ୍ଚ ନ୍ୟାୟାଳୟ ଓ ଦେୱାନି ଅଦାଲତରେ ଥିବା ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ ଅବସରକାଳୀନ ପ୍ରାପ୍ୟ ସହିତ ମାମଲା, ଉଚ୍ଚ ନ୍ୟାୟାଳୟ ଓ ଦେଓାନୀ ଅଦାଲତରେ ଥିବା ରାଜସ୍ୱ ମାମଲା ,ଅନ୍ୟାନ୍ୟ ଦେୱାନୀ ମାମଲା , ଖାଉଟି ବିବାଦ ଓ ଅନ୍ୟାନ୍ୟ ଫୌଜଦାରୀ ମାମଲାର ଫଇସଲା ହେବ । ପ୍ରାକ୍ ମକଦ୍ଦମା ସ୍ତରୀୟ (କୋର୍ଟରେ ଦାୟର ହୋଇ ନ ଥିବା ମାମଲା) ଚେକ୍ ବାଉନସ ସମ୍ବନ୍ଧୀୟ ମାମଲା ,ଟଙ୍କା ପୁନରୁଦ୍ଧାର ମାମଲା,ଶ୍ରମ ବିବାଦ ଜନିତ ମାମଲା ସ୍ଥାୟୀ ଲୋକ ଅଦାଲତ ର ଅନ୍ୟାନ୍ୟ ଦିୱାନୀ (ସାଲିସ ବିହୀନ ବିବାଦକୁ ବାଦ ଦେଇ) ରକ୍ଷଣା ବେକ୍ଷଣା ମାମଲା ଓ ଅନ୍ୟାନ୍ୟ ମକଦ୍ଦମାର ଫାଇସଲ ହେବ ପୂର୍ବାହ୍ନ ୧୦ ଘଟିକା ରୁ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଆରମ୍ଭ ହେବ । ଜିଲ୍ଲା ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷା ଶିଖା ରାଣୀ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁାଷ୍ଠିତ ହେବାକୁ ଥିବା ଏହି ରାଷ୍ଟ୍ରୀୟ ଲୋକ ଅଦାଲତରୁ ଲାଭ ଉଠାଇବାକୁ ପ୍ରାଧିକରଣର ସଚିବ ଡ଼ ରୀନତି ମିଶ୍ର ପରାମର୍ଶ ଦେଇଛନ୍ତି ।

## ବ୍ଲକ୍‌ସ୍ତରୀୟ ଯତରା ମହୋତ୍ସବ ନେଇ ପ୍ରସ୍ତୁତି ବୈଠକ

ସୁନ୍ଦରଗଡ଼,୧୦।୧୨(ସମିସ): ସୁନ୍ଦରଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ ଓ ଜିଲ୍ଲା ମହୋତ୍ସବ ଯତରା ନେଇ ମଙ୍ଗଳବାର ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବୈଠକ ନିଷ୍ପତ୍ତି ଅନୁସାରେ ଚଳିତମାସ ୧୫ ତାରିଖ ରୁ ୨୨ ପର୍ଯ୍ୟନ୍ତ ଏହି ବ୍ଲକ୍‌ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ବ୍ଲକ ସ୍ତରରେ ବକ୍ତୃତା, କୁଇଜ୍, ଡ୍ରଇଂ, ପେଂଟି , ଦଳଗତ ନୃତ୍ୟ ଆଦି ପ୍ରତିଯୋଗିତା କରାଯିବ । ଏହି ପ୍ରତିଯୋଗିତା ଗୁଡ଼ିକ ସୁନ୍ଦରଗଡ଼ ଜିଲ୍ଲା ର କଳା, ସଂସ୍କୃତି, ପରମ୍ପରା, ଐତିହ୍ୟ, ଦର୍ଶନୀୟ ସ୍ଥାନ ଆଦି ଉପରେ ପର୍ଯ୍ୟବେସିତ ରହିବ । ଉତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀଙ୍କ କଳାକୃତି ଗୁଡ଼ିକ ଜିଲ୍ଲାରେ ହେବାକୁ ଥିବା ଚିତ୍ରକଳା ପ୍ରଦର୍ଶନୀରେ ସ୍ଥାନିତ କରାଯିବ । ରାଲି, ମାରାଥନ, ୱାକାଥନ, କଳସ ଯାତ୍ରା ଆଦି ମଧ୍ୟ ଆୟୋଜନ କରାଯିବ । ବୈଠକରେ ଜିଲ୍ଲାପାଳ ଶ୍ରୀ ମହାଜନ ବ୍ଲକସ୍ତରୀୟ କାର୍ଯ୍ୟକ୍ରମର ରୂପରେଖ କିଭଳି ହେବ ତାହା ଉପରେ ଆଲୋଚନା କରିଥିଲେ ଏବଂ ଏହି ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ଗୁଡ଼ିକ ଆୟୋଜିତ କରିବାକୁ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଦାଶରଥୀ ସରାବୁ, ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପ୍ରଧାନ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସାରଙ୍ଗଧର ବରିହା, ଜିଲ୍ଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, କ୍ରୀଡ଼ା ଉପ ନିର୍ଦ୍ଦେଶକ ସୁଦୀପ୍ତ ନାୟକ, ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ପ୍ରଣୟ ପଟେଲଙ୍କ ସମେତ ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷାଧିକାରୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଜାନୁୟାରୀ ୧ ତାରିଖ ହେଉଛି ସୁନ୍ଦରଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ । ଏହି ଅବସରରେ ଜାନୁୟାରୀ ୧ ରୁ ୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ମହୋତ୍ସବ ଯତରାର ମଧ୍ୟ ଆୟୋଜନ କରାଯାଉଛି ।

### ଚାରିଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର

# ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ଲେଫ୍ରିପଡ଼ା ବନାଞ୍ଚଳର ପ୍ରୟାସ

ସୁନ୍ଦରଗଡ଼,୧୦।୧୨(ସମିସ)



ସୁନ୍ଦରଗଡ଼ ବନଖଣ୍ଡ ଅଧୀନସ୍ଥ ଲେଫ୍ରିପଡ଼ା ବନାଞ୍ଚଳ ପକ୍ଷରୁ ସ୍ଥାନୀୟ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଓ ସାଧାରଣ ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ନେଇ ପ୍ରୟାସ କରାଯାଉଛି । ଆଦିବାସୀ ବହୁଳ ଲେଫ୍ରିପଡ଼ା ବନାଞ୍ଚଳର ୩୪ଟି ବନ ସୁରକ୍ଷା ସମିତିରେ ୫୩୯୮ ପରିବାର ତଥା ୨୦୨୧୭ ଜନସଂଖ୍ୟା ବସବାସ କରନ୍ତି । ଅଧିକାଂଶ ଡିପ ଜମି ହୋଇଥିବାରୁ ବର୍ଷାସମୟକୁ ଛାଡିଦେଲେ ବର୍ଷର ବାକି ସମୟରେ ଲୋକେ ହାତିବାନ୍ଧି ଘରେ ବସି ରହି ଥାଆନ୍ତି କହିଲେ ଚଳେ । ଚାକିରି ତ ଦୂରର କଥା, ଚାଷ ପାଇଁ ମଧ୍ୟ ସମସ୍ତଙ୍କ ପାଖରେ ଜମିନାହିଁ । ଏ ସ୍ଥିତିରେ ଅଧିକାଂଶ ଲୋକେ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି । ସିଂହଭାଗ ଲୋକେ କୁଲି ମଜୁରି କରି କଷ୍ଟେମଷ୍ଟେ ଜୀବନଯାପନ କରୁଛନ୍ତି । ଜୀବିକା ନିର୍ବାହ ପାଇଁ ଏକାଭିମୁଖୀ ଯୋଜନା ଅଧୀନ ସରକାରଙ୍କ ଦ୍ୱାରା ଅନେକ ଯୋଜନା ସୃଷ୍ଟି କରାଯାଇଛି । ଲୋକେ ତାର ଲାଭ ମଧ୍ୟ ଉଠାଉଛନ୍ତି । ତଥାପି ତାଙ୍କ ଆବଶ୍ୟକତା ପୂରଣ ହେଉ ନାହିଁ । ତାଙ୍କ ପାଖରେ ବିକଳ୍ପ ନ ଥିବାରୁ ପ୍ରକୃତି ଉପରେ ଆସ୍ଥା ରଖୁଛନ୍ତି । ଅଧିକାଂଶ ଲୋକେ ଜଙ୍ଗଲ ଉପରେ ନିର୍ଭର କରୁଛନ୍ତି । ଗାଁ ରେ ରହୁଥିବାଲୋକେ ଜଙ୍ଗଲରୁ ମହୁଲ, ଟୋଳ, ଚାର, କେନ୍ଦୁ, ଛତୁ, ରୁଗୁଡା ଇତ୍ୟାଦି ସଂଗ୍ରହ କରି ନିଜେ ଖାଇବା ସହିତ ବଜାରରେ ବିକ୍ରି କରି ଜୀବିକା ନିର୍ବାହ କରି ଆସୁଛନ୍ତି । ଏହି ଜଙ୍ଗଲି ପଦାର୍ଥ ମଧ୍ୟରେ ମହୁଲ ଫୁଲ ଅଧିକ ଉପଲବ୍ଧ ହେଉଥିବାରୁ ଲୋକେ ଏହାର ସଂଗ୍ରହକୁ ବେଶ ଗୁରୁତ୍ୱ ଦେଇ ଅଧିକାଂଶ ସମୟ ଗୁଜୁରାଣ ମେଣ୍ଟାଉଛନ୍ତି । ସାଧାରଣତଃ ମହୁଲ ଫୁଲ ଫେବୃୟାରୀମାସରୁ ମେ' ପର୍ଯ୍ୟନ୍ତ ଜଙ୍ଗଲରେ ପ୍ରଚୁର ପରିମାରେ ମିଳି ଥାଏ । ତେଣୁ ମହୁଲ ଫୁଲକୁ ଜଙ୍ଗଲରୁ ସଂଗ୍ରହ କରି ସେମାନେ ତାର ଲାଭ ନେଇଥାନ୍ତି ଓ ମହୁଲ ଫୁଲ ସଂଗ୍ରହ ତଥା ବିକ୍ରିକୁ ତାଙ୍କର ଜୀବିକା ଭାବରେ ଭାବି ନେଇଥାନ୍ତି ।

ଏହାକୁ ନିଜେ ବ୍ୟବହାର କରିବା ସହିତ ବିକ୍ରି ମଧ୍ୟ କରୁଛନ୍ତି । ହେଲେ ତାର ପ୍ରକୃତ ମୂଲ୍ୟ ସେମାନେ ଜାଣି ନାହାନ୍ତି କିମ୍ବା କେବେ ପାଇନାହାନ୍ତି । ଏ ସ୍ଥିତିରେ ପ୍ରକ୍ରିୟାକରଣ ଦ୍ୱାରା ମହୁଲ ଫୁଲରେ ମୂଲ୍ୟଯୁକ୍ତ କରି ବିଭିନ୍ନ ପ୍ରକାର ଖାଦ୍ୟ ପଦାର୍ଥ ପ୍ରସ୍ତୁତ ତଥା ବ୍ୟବସାୟଭୁକ୍ତ ନିମନ୍ତେ ଲେଫ୍ରିପଡା ବନାଞ୍ଚଳ ପ୍ରୟାସ ଚଳାଇଛି । ମହିଳାଙ୍କୁ ଆର୍ôଥକ ସ୍ୱବଲମ୍ବୀ କରିବା ପାଇଁ ୪ ଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିରର ଆୟୋଜନ କରିଛି । ଏହି ତାଲିମ ଶିବିରରେ ସମୁଦାୟ ୨୧୦ ଜଣ ମହୁଲ ଫୁଲ ସଂଗ୍ରହକାରୀ ମହିଳାଙ୍କୁ ପ୍ରକ୍ରିୟାକରଣ ଜରିଆରେ ମହୁଲ ଫୁଲରୁ ବିଭିନ୍ନ ପ୍ରକାର ଖାଇବା ଜିନିଷ ତିଆରି ଓ ତାର ମୂଲ୍ୟବୃଦ୍ଧି ନେଇ ତଲିମ ପ୍ରଦାନ କରାଯାଉଛି । ଏହାକୁ ରୋଜଗାରଭିତ୍ତିକ ପନ୍ଥା ହିସାବରେ ଗ୍ରହଣକରି ଆର୍ôଥକ ସ୍ୱବଲମ୍ବୀ ହେବାପାଇଁ ପ୍ରୋତ୍ସାହନ ଦିଆଯିବ ବୋଲି ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ପଟେଲଙ୍କ ସମେତ ବନପାଳ, ବନରକ୍ଷୀ , କ୍ଷେତ୍ର ପରିଚାଳନା ଏକକର ସଦସ୍ୟ ଓ ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ ତଥା ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ -୨ କର୍ମକର୍ତ୍ତା ପ୍ରକାଶ କରିଛନ୍ତି ।

## ଆମ ପୁଲିସ ସମିତି ବୈଠକରେ ପଶ୍ଚିମାଞ୍ଚଳ ଡିଆଇଜି



ବାଲିଶଙ୍କରା,୧୦।୧୨(ସମିସ): ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାଏ ମଙ୍ଗଳବାର ତଲସରା ଥାନା ପରିଦର୍ଶନ କରିଥିଲେ । ଏହାସହ ତଲସରା ଥାନା ଅଧିକାରୀ ପୁଷ୍ପେନ୍ଦୁ ସାଗରଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଆମ ପୁଲିସ ସମିତି ବୈଠକରେ ଯୋଗଦେଇ ଥାନା ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଜନସାଧାରଣଙ୍କ ସହିତ ଆଲୋଚନା କରିଥିଲେ । ଜନସାଧାରଣ ଓ ପୁଲିସ ମଧ୍ୟରେ ସୁସମ୍ପର୍କ ଓ ନିଜ ନିଜ ଭିତରେ ଆପୋଷ ବୁଝାମଣା ନିତାନ୍ତ ଦରକାର ବୋଲି ମତପ୍ରକାଶ କରିଥିଲେ । ସେହିପରି ସବଡେଗା ବ୍ଲକରେ ଫାଣ୍ଡି ଓ ସୀମାବର୍ତ୍ତୀ ଅଞ୍ଚଳର ତେଲିଯୋରରେ ଚେକଆଉଟ ପୋଷ୍ଟ ପାଇଁ ଦାବି ହୋଇଥିଲା । ବନଡେଗା ଫାଣ୍ଡିରେ ପୁଲିସ କର୍ମଚାରୀ ଅଧିକ ବଢାଇବା ପାଇଁ ଦାବି ହୋଇଥିଲା । ତଲସରା ଥାନା ଅଧିକାରୀ ପୁଷ୍ପେନ୍ଦୁ ସାଗରଙ୍କୁ ଲିଖିତ ଅଭିଯୋଗ ପାଇଁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଆରକ୍ଷୀ ଅଧକ୍ଷ ପ୍ରତ୍ୟୁଷ କୁମାର ଉପସ୍ଥିତ ଥିଲେ । ଆମ ପୁଲିସ ସମିତି ବୈଠକରେ ସମାଜସେବୀ ସନ୍ତୋଷ କୁମାର ସାହୁ, ରବି ପଟେଲ, ବନମାଳୀ ବାରସତିଆ, ନନ୍ଦନ ସିଂ, ଯେହେରୁଲାଲ ଦାଶ, ମ୍ୟାଘେନ୍ଦ୍ର ବେହେରା, ଦେବଲାଲ ଲାକଡା, ବିଷ୍ଣୁ ଦାସ, ଦଧିଚନ୍ଦ୍ର ଷଣ୍ଢ, ରାଜୁ ପାତ୍ର, ଲବରଣା ପ୍ରମୁଖ ଥିବାବେଳେ ଥାନା କର୍ମଚାରୀଙ୍କ ମଧ୍ୟରେ ସବଇନ୍ସପେକ୍ଟର ସୁଭଦ୍ରା ଶୁଭଦର୍ଶନୀ ବେହେରା, ସୁବାସ ପ୍ରଧାନ, ଦୀପକ ନାଏକ, ପ୍ରିତିରଞ୍ଜନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।

## ଟ୍ରାନ୍ସଫର୍ମର ଚୋରି; ଅନ୍ଧାରରେ ୪୦ ପରିବାର



ବାଲିଶଙ୍କରା,୧୦।୧୨(ସମିସ): ବାଲିଶଙ୍କରା ବ୍ଲକ୍ ବାଲିଶଙ୍କରା ଗ୍ରାମ ଭାଟିପଡ଼ାରେ ସରକାରଙ୍କ ତରଫରୁ ବିପିଏଲ ହିତାଧିକାରୀ ଆଲୋକ ପାଇବା ପାଇଁ ବିଦ୍ୟୁତ ସଂଯୋଗ କରାଯାଇଥିଲା । ଏଥିରେ ପଡ଼ାର ୪୦ ପରିବାର ଉପକୃତ ହେଉଥିଲେ । ସୋମବାର ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ଟ୍ରାନ୍ସଫର୍ମର ଚୋରି କରି ନେଇଯାଇଛି । ଏବେ ୪୦ ପରିବାର ଅନ୍ଧାରରେ ରହୁଛନ୍ତି । ବିଶେଷ କରି ହାତୀପଲଙ୍କ ଉପଦ୍ରବ ଓ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାଘାତ ହେଉଛି । ଏବେ କିରାସିନି ତେଲ ମିଳୁ ନ ଥିବାବେଳେ ତୁରନ୍ତ ଉକ୍ତ ପଡ଼ାରେ ନୂତନ ଟ୍ରାନ୍ସଫର୍ମର ଦେବା ପାଇଁ ପଡ଼ାବାସୀ ଦାବି କରୁଛନ୍ତି ।

## ୩୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ



ବଣାଇଁ,୧୦।୧୨(ସମିସ): ଗୁରୁଣ୍ଡିଆସ୍ଥିତ ମିନି ଷ୍ଟାଡିୟମଠାରେ ପଞ୍ଚାୟତ ସମିତି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୩୦ତମ ବାର୍ଷିକ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ଗୁରୁଣ୍ଡିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମିହିର ରଞ୍ଜନ ବେହେରା, ଗୁରୁଣ୍ଡିଆ ତହସିଲଦାର ଶିବ ପ୍ରସାଦ ମୁର୍ମୁ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦେବବ୍ରତ ନାୟକ, ଗୁରୁଣ୍ଡିଆ ସରକାରୀ ମହାବିଦ୍ୟାଳୟର ଅଧକ୍ଷ ବନ ବିହାରୀ କିସାନ, ଅଧକ୍ଷ ଚୌଧୁରୀ ମହାନ୍ତ ପ୍ରମୁଖ ଉଦ୍‌ଘାଟନ କରିଥିଲେ । ପ୍ରାରମ୍ଭରେ ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ ସହିତ ସ୍ୱାଗତ ନୃତ୍ୟ ପରିବେଷଣ କରିଥିବାବେଳେ ଅଧକ୍ଷ ଚୌଧୁରୀ ମହାନ୍ତ ଉଦ୍‌ଘାଟନୀ ସଭାରେ ଅଧକ୍ଷତା କରି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଖେଳ ପ୍ରଶିକ୍ଷକ ଅକ୍ଷୟ କୁମାର ଦଳବେହେରା କ୍ରୀଡ଼ା ପରିଚାଳନା କରିଥିବାବେଳେ ଅଧାପକ ତପନ କୁମାର ଦଣ୍ଡିଆ ସଂଯୋଜନା କରିଥିଲେ । ଏହି କ୍ରୀଡ଼ା ଉତ୍ସବରେ ପ୍ରାୟ ୨ଶହ ଛାତ୍ରଛାତ୍ରୀ ୧୫ଟି ବିଭିନ୍ନ ପ୍ରକାର ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିଲେ । ଅଧାପକ ଦିବ୍ୟଶଙ୍କର ଭୋଇ ଧନ୍ୟବାଦ ପ୍ରଦାନ କରିଥିଲେ ।

## ମାନବାଧିକାର ଦିବସ ପାଳିତ




ସୁନ୍ଦରଗଡ଼,୧୦।୧୨(ସମିସ): ଆମର ଅଧିକାର ହିଁ ଆମର ଭବିଷ୍ୟତ ନିର୍ଦ୍ଧାରଣ କରିଥାଏ । କର୍ତ୍ତବ୍ୟ ପାଳନ କରିବା ସହିତ ଅଧିକାରକୁ ଦାୟିତ୍ୱର ସହ ସମ୍ପାଦନ କରି ପାରିଲେ ସୁସ୍ଥ ,ସୁସଂଗଠିତ ଓ ବିକଶିତ ରାଷ୍ଟ୍ର ଗଠନ କରିବା ସମ୍ଭବ ହୋଇ ପାରିବ ବୋଲି ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ଠାରେ ଆୟୋଜିତ ମାନବାଧିକାର ଦିବସ ଓ ଆଇନ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଡଃ. ରିନତୀ ମିଶ୍ର ଯୋଗ ଦେଇ କହିଛନ୍ତି । ସୁନ୍ଦରଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲ୍ଲା ଓ ଦୌରାଜଜ ଶିଖାରାଣୀ ରଥଙ୍କ ନିର୍ଦ୍ଦେଶ କ୍ରମେ ମାନବାଧିକାର ତଥା ଏଲଜିବିଟିକ୍ୟୁଆଇଏ ପ୍ଲସ ସମ୍ପ୍ରଦାୟର ସଦସ୍ୟ ମାନଙ୍କର ଅଧିକାର ଏବଂ ସମ୍ମୁଖୀନ ହେଉଥିବା ସମସ୍ୟାକୁ ନେଇ ଆଇନ ସଚେତନତା କାର୍ଯ୍ୟକ୍ରମ କରାଯାଇ ଥିଲା । ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ବୀରେନ୍ଦ୍ର କୁମାର ପଟେଲ, ନ୍ୟାୟ ରକ୍ଷକ କମଳଲୋଚନ ସେନ, ଅନିଶା ପୃଷ୍ଟି, ସମାଜସେବୀ ସ୍ନେହଲତା ପଟେଲ ପ୍ରମୁଖ ଯୋଗଦେଇ ମାନବାଧିକାର ଦିବସର ଉତ୍ସ, ଉଦ୍ଦେଶ୍ୟ ତଥା ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ।

## ଝାରମୁଣ୍ଡା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ସୁନ୍ଦରଗଡ଼,୧୦।୧୨(ସମିସ): ବଡ଼ଗାଁ ବ୍ଲକର ଝାରମୁଣ୍ଡା ଖେଳପଡ଼ିଆରେ ଚାଲିଥିବା କ୍ରିକେଟ୍ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଛି । ଫାଇନାଲ ମ୍ୟାଚ ଝାରମୁଣ୍ଡା ଓ ବନ୍ଧପାଲି ଦଳ ମଧ୍ୟରେ ହୋଇଥିଲା । ଏଥିରେ ବନ୍ଧପାଲି ଦଳ ବିଜୟଲାଭ କରିଥିଲା । ଉଦ୍‌ଯାପନୀ ଉତ୍ସବରେ ବାବୁଲି କରସେଲ, ଦିଲୀପ କୁମାର ସେନାପତି, ମେନକା କାଲୋ, ଅଜୟ ମହାନନ୍ଦିଆ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ । ବିଜେତା ଦଳ ବନ୍ଧପାଲି ଦଳକୁ ଟ୍ରଫି ସହ ୧୮ ହଜାର ଟଙ୍କା ଓ ଉପବିଜେତା ଦଳକୁ ୧୪ ହଜାର ଟଙ୍କା ଆର୍ଥିକ ପୁରସ୍କାରରେ ପୁରସ୍କୃତ କରା ଯାଇଥିଲା । ମ୍ୟାନ ଅଫ୍ ଦା ସିରିଜ୍ ରାହୁଲ ସାହୁ, ମ୍ୟାନ ଅଫ ଦି ମ୍ୟାଚ୍ ନିକୁ, ବେଷ୍ଟ ବ୍ୟାଟସ ମ୍ୟାନ ବବି କାଲୋ, ବେଷ୍ଟ ବୋଲର ବିକାଶ ବାହଲା, ବେଷ୍ଟ ଫିଲଡର୍ ବିଜୟ ମାଝୀ, ବେଷ୍ଟ କିପର ଗୁଲସନ ହୋଇଥିଲେ । ଧନୁର୍ଯ୍ୟ ବାହଲା, କିଶୋର ମାଝୀ, ଦେବ ସିଂ, ମନ ଷଣ୍ଢ, ରାଜେନ୍ଦ୍ର ବାହଲା, କ୍ଷୀରୋଦ ସାହୁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା ।

## ହେଲ୍ପଲାଇନ୍‌ରେ ସହାୟତା ଲୋଡ଼ିଲେ ଦୁଷ୍କର୍ମ ପୀଡ଼ିତା

ସୁନ୍ଦରଗଡ଼,୧୦।୧୨(ସମିସ): ଲେଫ୍ରିପଡ଼ା ଥାନା ଅଞ୍ଚଳର ଜଣେ ଦୁଷ୍କର୍ମ ପୀଡ଼ିତା ଟୋଲ ଫ୍ରି ନମ୍ବର ୧୮୧ରେ ସହାୟତା ଲୋଡିଛନ୍ତି । ଏହାପରେ ସ୍ଥାନୀୟ ଚାଇଲ୍ଡ ହେଲ୍ପ ଲାଇନ ପକ୍ଷରୁ ଦଶମ ଶ୍ରେଣୀରେ ପାଠ ପଢୁଥିବା ସଂପୃକ୍ତ ନାବାଳିକା ପାଖରେ ପହଞ୍ଚି ଆଇନ ସହାୟତା ଯୋଗାଇ ଦେଇଛନ୍ତି । ଚାଇଲ୍ଡ ହେଲ୍ପ ଲାଇନ କର୍ମକର୍ତ୍ତାଙ୍କ ପରାମର୍ଶ କ୍ରମେ ନାବାଳିକାଙ୍କ ବାପା ଏନେଇ ଥାନାରେ ଏତଲା ଦେଇଛନ୍ତି । ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଜିଲ୍ଲା ସଂଯୋଜକ ଜିତୁ ପଟେଲଙ୍କ ସମେତ ବେଣୁଧର ମହନ୍ତ, ରଞ୍ଜିତା ନାଏକ, ରାକେଶ କୁମାର ନାଏକ ପୀଡିତାଙ୍କ ଘରକୁ ଯାଇ ତାଙ୍କୁ ଉଦ୍ଧାର କରିଛନ୍ତି ।

## ପଶ୍ଚିମାଞ୍ଚଳ ଡିଆଇଜିଙ୍କ ସୁନ୍ଦରଗଡ ପୁଲିସ ଜିଲ୍ଲା ଗସ୍ତ



ସୁନ୍ଦରଗଡ଼,୧୦।୧୨(ସମିସ): ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ମଙ୍ଗଳବାର ସୁନ୍ଦରଗଡ଼ ପୁଲିସ ଜିଲ୍ଲା ଗସ୍ତରେ ଆସିଥିଲେ । ଏହି ଅବସରରେ ସେ ସ୍ଥାନୀୟ ଲୁହୁରାଡିପା ବସ୍‌ଷ୍ଟାଣ୍ଡ ଠାରେ ପୁଲିସ ସହାୟତା କେନ୍ଦ୍ରର ଉଦ୍‌ଘାଟନ କରିଥିଲେ । ଉକ୍ତ ସହାୟତା କେନ୍ଦ୍ରରେ ୯ ଜଣ ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ସେମାନେ ୨୪ ଘଂଟିଆ ପ୍ରହରା ଦେବେ । ସେହିପରି ଡିଆଇଜି ଶ୍ରୀ ରାୟ ଭଷ୍କା ଥାନା ଇନ୍ସପେକ୍ସନ କରିଛନ୍ତି । ଏଠାରେ ସେ ଆମ ପୁଲିସ ସମିତି ସଭ୍ୟଙ୍କ ସହିତ ଥାନା ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ । ସମିତିର ସଭ୍ୟ ମାନେ ଏହି ଥାନା ପରିସରରେ ବାଡ ନିର୍ମାଣ କରିବା, ପୁଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବାକୁ ତାଙ୍କୁ ଅନୁରୋଧ କରିଥିଲେ । ସେହିପରି ଉକ୍ତ ଥାନାର ଜଣେ ପୂର୍ବତନ ଆଇଆଇସିଙ୍କୁ ପୁଣି ଥରେ ଏହି ଥାନାକୁ ବଦଳି ଆଦେଶ ହୋଇଥିବାରୁ କେତେକେ ଆପତି ଉଠାଇ ଥିଲେ । ଡିଆଇଜି ତଳସରା ଥାନା ମଧ୍ୟ ପରିଦର୍ଶନ କରିଛନ୍ତି । ଡିଆଇଜିଙ୍କ ଏହି ଗସ୍ତ କାଳରେ ସୁନ୍ଦରଗଡ ଏସପି ପ୍ରତ୍ୟୁଷ ଦିବାକର, ଆଇପିଏସ ପ୍ରୋବେସନର ଅନନ୍ୟା ଅବସ୍ତିଙ୍କ ସମେତ ସଂପୃକ୍ତ ଆଇଆଇସିମାନେ ଉପସ୍ଥିତ ଥିଲେ ।

## ସବଡ଼େଗାରେ ମାନବ ଅଧିକାର ଦିବସ




ସବଡ଼େଗା,୧୦।୧୨(ସମିସ): ସବଡେଗା ମହିଳା ସଂଗ୍ରାମ ସମିତି ପକ୍ଷରୁ ଆଞ୍ଚଳିକ ସହଯୋଗ ଉଚ୍ଚମାଧ୍ୟମିକ ବିଦ୍ୟାଳୟଠାରେ ବିଶ୍ୱ ମାନବ ଅଧିକାର ଦିବସ ପାଳନ କରାଯାଇଛି । ମହିଳାଙ୍କ ପ୍ରତି ହେଉଥିବା ହିଂସା ଉପରେ ଆଲୋକପାତ କରାଯାଇ ଥିଲା । ବ୍ଲକ ସଂଯୋଜିକା ଲକ୍ଷ୍ମୀ ବାଘ ପରିଚାଳନା କରିଥିଲେ । ଯୁକ୍ତଦୁଇ ଛାତ୍ର ମହମଦ ସାହିଦ ଅଲି, ଛାତ୍ରୀ ସୃଷ୍ଟି ସାହୁ ମହିଳା ହିଂସା ପ୍ରତିବାଦ ସମ୍ବନ୍ଧରେ ସ୍ଲୋଗାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ହିମାଂଶୁ ଭଏଁସାଲଙ୍କ ସହ ଅନ୍ୟ ସହକର୍ମୀମାନେ ଉପସ୍ଥିତ ଥିଲେ ।

# ସିପିଆଇ ପକ୍ଷରୁ ରାଷ୍ଟ୍ରପତିଙ୍କୁ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ

ସୁନ୍ଦରଗଡ଼,୧୦।୧୨(ସମିସ)



ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓଡିଶା ରାଜ୍ୟ ପରିଷଦର ନିଷ୍ପତ୍ତି କ୍ରମେ ସୁନ୍ଦରଗଡ଼ ଜିଲ୍ଲା କମିଟି ପକ୍ଷରୁ ସୋମବାର ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ଏଥିରେ ଦେଶରେ ମୋଦୀ ସରକାରର ଛତ୍ରଛାୟା ତଳେ ଆଦାନୀ କମ୍ପାନୀ ଗୋଷ୍ଠୀ ଦ୍ୱାରା ବିଭିନ୍ନ ସମ୍ବଳ ଲୁଣ୍ଠନ ଘଟଣାରେ ଜେପିସି ତଦନ୍ତ ସହିତ କମ୍ପାନୀମୁଖ୍ୟଙ୍କୁ ଗିରଫ କରିବାକୁ ଦାବି କରାଯାଇଛି ।

ସେହିପରି ସମସ୍ତ ଅତ୍ୟାବଶ୍ୟକୀୟ ସାମଗ୍ରୀର ଆକାଶ ଛୁଆଁ ଦରବୃଦ୍ଧି ଯୋଗୁଁ ଜନ ସାଧାରଣଙ୍କ ଜୀବନ ଧାରଣ ଦୁର୍ବିସହ ହୋଇ ପଡିଥିବାରୁ ଦର ହ୍ରାସ ଦିଗରେ ପଦକ୍ଷେପ ଗ୍ରହଣ କରିବା, ଇଷ୍ଟକୋଷ୍ଟ ଜୋନ ବିଭାଜନ ବନ୍ଦ କରିବା, ରାଉରକେଲା ଓ ବାଲେଶ୍ୱରରେ ରେଳ ଡିଭିଜନ ପ୍ରତିଷ୍ଠା ସହ ଏହାକୁ ଇଷ୍ଟକୋଷ୍ଟ ରେଳବାଇ ଜୋନରେ ସାମିଲ କରାଯିବା ଏବଂ ଓଡ଼ିଶାରେ ଇଲେକ୍ଟ୍ରିକ ରେଳ ଲୋକମୋଟିଭ କାରଖାନା ଓ ରେଳ ଡବା ନିର୍ମାଣ କାରଖାନା ପ୍ରତିଷ୍ଠା ଆଦି ଦାବି ରହିଛି । ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଅଶୋକ କୁମାର ଦାଶଙ୍କ ନେତୃତ୍ୱରେ ଉକ୍ତ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ଏହାକୁ ଗ୍ରହଣ କରିଥିଲେ । ସିପିଆଇର ଟାଙ୍ଗରପାଲି ଜୋନ ସମ୍ପାଦକ ସନ୍ତୋଷ କୁମାର ଆଚାର୍ଯ୍ୟ, ସହ ସମ୍ପାଦକ ଗୋପାଳ ସରେଙ୍ଗ, ସୁଶାନ୍ତ ଓରାମ, ଲେଫ୍ରିପଡ଼ା ଜୋନ୍ ସମ୍ପାଦକ ଦେବାନନ୍ଦ ବାଦଲ, ହେମଗିରି ଜୋନ ସମ୍ପାଦକ ରାଧେଶ୍ୟାମ ଗର୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ ।

## ଖାଦାନରେ ଖସିଲା କାର୍



ରାଉରକେଲା,୧୦।୧୨(ସମିସ): ସ୍ଥାନୀୟ ଟାଙ୍ଗରପାଲ୍ଲୀ ଥାନା ନବକୃଷ୍ଣନଗର ନିକଟରେ ଥିବା ଏକ ଖାଦାନ ଭିତରକୁ ମଙ୍ଗଳବାର ସନ୍ଧ୍ୟାରେ ଏକ କାର୍ ଖସି ପଡ଼ିଥିଲା । ତେବେ କାରଟି କିପରି ଖସିଲା ସେ ନେଇ କିଛି ସ୍ୱଷ୍ଟ ସୂଚନା ମିଳିପାରିନି । ଖବରପାଇ ଟାଙ୍ଗରପାଲ୍ଲୀ ପୁଲିସ, ଅଗ୍ନିଶମ ବିଭାଗ ପହଞ୍ଚି କାର୍‌ଟିକୁ ଖାଦାନ ଭିତରୁ ବାହାର କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ତେବେ ଦୁର୍ଘଟଣାବେଳେ କାର ଭିତରେ ଚାଳକ କିମ୍ବା କେହି ଲୋକ ରହିଥିଲେ କି ନାହିଁ, ତାହା ଜଣାପଡ଼ି ନାହିଁ ।

